আম রাজধানী
Odisha's First Mid-Day Daily
ବର୍ଷ: ୧୯, ସଂଖ୍ୟା-୨୬, ଭୁବନେଶ୍ୱର, ୧.୪.୨୦୨୫, ମଙ୍ଗଳବାର, ମୂଲ୍ୟ ୪/- Vol- XIX, Issue-26, Bhubaneswar, Dt 1.4.2025, Tuesday , Rs 4/-


सत्यमेव जयते

## ଓଡ଼ିଶା ଦିବସ - ୨୦୨୫ ଅବସରରେ ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ବାର୍ତ୍ତା



ମୁଁ ଜାଣି ଆନନ୍ଦିତ ଯେ ଓଡ଼ିଶା ସରକାର ୧ ଏପ୍ରିଲ, ୨୦୨୫ ଦିନ ଓଡ଼ିଶା ଦିବସ ପାଳନ କରୁଛନ୍ତି।

ଏହି ଉତ୍ସବ ଓଡ଼ିଶାର ଲୋକଙ୍କ ସମୃଦ୍ଧ ସାଂସ୍କୃତିକ, ଐତିହ୍ୟ, ଇତିହାସ ଏବଂ ବିବିଧ ପରମ୍ପରାକୁ ପ୍ରଦର୍ଶନ କରିବା ସହ ବିଶ୍ୱବ୍ୟାପୀ ଓଡ଼ିଆ ଲୋକଙ୍କ ମଧ୍ୟରେ ଏକତା ଏବଂ ଗର୍ବର ଭାବନାକୁ ପ୍ରୋତ୍ସାହିତ କରିଥାଏ। ଏହି ଦିବସ ଆମକୁ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଏବଂ ଅନ୍ୟାନ୍ୟ ମହାନ୍ ନେତାଙ୍କ ସମେତ ସାଧୀନତା ସଂଗ୍ରାମୀ ଏବଂ ଆଧୁନିକ ଓଡ଼ିଶାର ନିର୍ମାତାଙ୍କୁ ସ୍ମରଣ କରିବା ଏବଂ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ଏକ ସୁଯୋଗ ଦେଉଛି। ରାଜ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମି ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରିଛି। ରାଜ୍ୟ ସରକାର ସ୍ଥାୟୀ ବିକାଶ, ମହିଳା ସଶକ୍ତୀକରଣ ଏବଂ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ମଧ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି।

ମୁଁ ନିଶ୍ଚିତ ଯେ ସରକାର ଏବଂ ରାଜ୍ୟବାସୀ ଏକାଠି ହୋଇ ସମସ୍ତଙ୍କ ପାଇଁ ଉଜ୍ଜ୍ୱଳ ଏବଂ ନ୍ୟାୟୋଚିତ ଭବିଷ୍ୟତ ଆଣିବା ଦିଗରେ କାମ କରିବେ। ଏହି ଅବସରରେ, ମୁଁ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ଏବଂ ଉତ୍ସବର ସଫଳତା କାମନା କରୁଛି।

(ଦ୍ରୌପଦୀ ମୁର୍ମୁ)

DADLS-04 TOP PLACE
15001/13/0478/2425

सत्यमेव जयते

## ଓଡ଼ିଶା ଦିବସ - ୨୦୨୫ ଅବସରରେ ଭାରତର ମାନ୍ୟବର ଉପରାଷ୍ଟ୍ରପତିଙ୍କ ବାର୍ତ୍ତା



୧ ଏପ୍ରିଲ ୧୯୩୬ରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ପ୍ରତିଷ୍ଠା ପାଇବା, ଏକ ଅପ୍ରତ୍ୟାଶିତ ବା ଆକସ୍ମିକ ଘଟଣା ନ ଥିଲା ବରଂ ଏହା ଅଗଣିତ ସ୍ୱାଧୀନତା ସଂଗ୍ରାମୀ, ପ୍ରଥିତଯଶା ସାହିତ୍ୟ ସାଧକ ତଥା ରାଷ୍ଟ୍ରପ୍ରାଣ ସମର୍ପିତ ବ୍ୟକ୍ତିଙ୍କ ସୁଚିନ୍ତିତ ଏବଂ ଦୃଢ଼ ପ୍ରୟାସର ସଫଳ ରୂପାୟନ ସ୍ୱରୂପ ଆମ ଆଗରେ ପ୍ରତିଭାତ ହୋଇଥିଲା।

ଆଧୁନିକ ଓଡ଼ିଶାର ମୂର୍ତ୍ତିକାର ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀର ମୋହନ ସେନାପତି ଏବଂ କର୍ମବୀର ଗୌରୀଶଙ୍କର ରାୟଙ୍କ ସମେତ ବନ୍ଦନୀୟ ନେତୃବର୍ଗଙ୍କ ସ୍ମୃତି ପ୍ରତି ଆମେ ଆଜି ଗଭୀର କୃତଜ୍ଞତା ଏବଂ ଅନାବିଳ ଭକ୍ତି ନିବେଦନ କରୁଛୁ।

ଆଜି, ଓଡ଼ିଶା ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାମାଜିକ ପ୍ରଗତିରେ ଏକ ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ସ୍ୱରୂପ ଠିଆ ହୋଇଛି। ଏହାର ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଜାତୀୟ ବିକାଶକୁ ତ୍ୱରାନ୍ୱିତ କରୁଛି ଏବଂ ଏଥି ସହିତ ମହିଳା ସଶକ୍ତୀକରଣ ଏବଂ ଶିଳ୍ପାୟନ ଆଦି ଦିଗରେ ଓଡ଼ିଶାର ଯୁଗାନ୍ତକାରୀ ସଫଳତା ଆଜି ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ହୋଇପାରିଛି।

ଏହି ଶୁଭ ଅବସରରେ, ମୁଁ ଓଡ଼ିଶାବାସୀ ଏବଂ ଏହାର ସୁଶାସନ ସହ ସମ୍ପୃକ୍ତ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି। ରାଜ୍ୟ ଅଧିକ ସମୃଦ୍ଧି ଏବଂ ଉତ୍କର୍ଷତା ଆଡ଼କୁ ଏହାର ଉଲ୍ଲେଖନୀୟ ଯାତ୍ରା ଜାରି ରଖୁ, ଏହି କାମନା କରୁଛି।

ଜୟ ହିନ୍ଦ୍। ଜୟ ଓଡ଼ିଶା।

Jagdeep Dhankhar
(ଜଗଦୀପ ଧନଖଡ଼୍)

सत्यमेव जयते



## ପବିତ୍ର ଓଡ଼ିଶା ଦିବସ-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ-୨୦୨୫ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛାଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍‌ପାଟି)

DADLS-01 BOTTOM PLACE- GOVERNOR -CM
15001/13/0468/2425

ଓଡ଼ିଶା ଶାସନ

## ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଓଡ଼ିଶା ଦିବସ ଅବସରରେ ଓଡ଼ିଶା ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ସବୁ ଓଡ଼ିଆ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ନିଜର ମୂଲ୍ୟବାନ ଅବଦାନ ରଖିଥିବା ସମସ୍ତ ବରପୁତ୍ର ମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲ ପାଇଁ ଆମେ ସମସ୍ତେ ଦୃଢ଼ ସଂକଳ୍ପ ନେଇ କାମ କରିଚାଲିବା ।

ବନ୍ଦେ ଉତ୍କଳ ଜନନୀ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଉତ୍କଳ ଦିବସ ବା ଓଡ଼ିଶା ଦିବସର ଗାରିମା

ଓଡ଼ିଆ ଅସ୍ମିତା ପ୍ରସଙ୍ଗ ଉପରେ ଗତ ନିର୍ବାଚନରେ ମତ ଦେଇଥିବା ଓଡ଼ିଶାର ଲୋକମାନଙ୍କୁ ବା ଓଡ଼ିଆ ମାନଙ୍କୁ ଉତ୍କଳ ଦିବସ ବା ଓଡ଼ିଶା ଦିବସର ଗାରିମା ସମ୍ପର୍କରେ ହୁଏତ ଅବଗତ କରାଇବାର ଆବଶ୍ୟକତା ନାହିଁ । ଏହି ଦିବସ ସମ୍ପର୍କରେ ପୂର୍ବରୁ ଥିବରା ବିଜୁ ଜନତା ଦଳ ସରକାର ଓ ବର୍ତ୍ତମାନର ମୋହନ ମାଝୀଙ୍କ ସରକାର ବାରମ୍ବାର ଓଡ଼ିଶାବାସୀଙ୍କୁ ଏହି ଦିବସ ପାଳନର ଶତବାର୍ଷିକୀ ନେଇ ସଚେତନ କରିଚାଲିଛନ୍ତି । ପୂର୍ବ ସରକାର ବରାବର ୨୦୩୬ ଏପ୍ରିଲ୍ ପହିଲା ଯେବେ ଏହି ରାଜ୍ୟ ଗଠନର ୧୦୦ ବର୍ଷ ପୂରଣ ହେବ ସେତେବେଳକୁ ରାଜ୍ୟ କିପରି ବିଭିନ୍ନ କ୍ଷେତ୍ରରେ ବିକାଶ ଲାଭ କରିଥିବ ତାହାର ଚିତ୍ର ଦେଖାଉଥିଲେ । କିନ୍ତୁ ମୋହନ ଚରଣ ମାଝୀଙ୍କ ସରକାର ୨୦୩୬ ସୁଦ୍ଧା ଓଡ଼ିଶାର ବିକଶିତ ରାଜ୍ୟ ହୋଇଯାଇଥିବ ବୋଲି ସ୍ଲୋଗାନ ଦେଇ ସେହି ଅନୁସାରେ ଯୋଜନା କରୁଥିବା ଦାବି କରୁଛନ୍ତି । କିନ୍ତୁ ମୌଳିକ କଥା ହେଉଛି ଯେ, ଭାଷାଭିତିରେ ରାଜ୍ୟ ଗଠନରେ ଓଡ଼ିଆ ଭାଷା ସାରାଦେଶରେ ପ୍ରଥମ ସ୍ୱୀକୃତି ଲାଭ କରିଥିଲା । ବାସ୍ତବିକ ଭାଷା ଭିତିକ ରାଜ୍ୟ ଗଠନ ପାଇଁ ଉତ୍କଳ ସମ୍ମିଳନୀ ଜରିଆରେ ଓଡ଼ିଶାର ପୂର୍ବ ସୁରିମାନେ ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ବ୍ରଜସୁନ୍ଦର ଦାସ, ବିଚିତ୍ରାନନ୍ଦ ଦାସ, ଫକୀରମୋହନ ସେନାପତି, ଗୌରୀଶଙ୍କର ରାୟ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ନେତୃତ୍ୱରେ ଯେଉଁ ଆନ୍ଦୋଳନ ଆରମ୍ଭ କରିଥିଲେ ତାହା ଓଡ଼ିଆମାନଙ୍କ ପାଇଁ ଏବେ ବି ପ୍ରେରଣାର ଉତ୍ସ ହୋଇରହିଛି । ଭଲଭାବରେ ଦେଖିଲେ ଗୋଟିଏ କଥା ସ୍ପଷ୍ଟ ଯେ, ଓଡ଼ିଆ ଭାଷାର ସ୍ୱାଭିମାନ ଓ ସ୍ୱୀକୃତି ପାଇଁ ଉପରୋକ୍ତ ମହାପୁରୁଷମାନେ ଯେଉଁ ଆନ୍ଦୋଳନ କରିଥିଲେ, ସେଥିରେ ସେମାନେ ନିଜକୁ ଲାଭବାନ୍ ବା ଧନବାନ୍ କରିବା ପାଇଁ କେବେ ବି ଉଦ୍ୟମ କରିନଥିଲେ । ମଧୁବାବୁଙ୍କ ପରି ସେ ସମୟର ମହାନ୍ ଓକିଲ କେବଳ ଓଡ଼ିଆ ଭାଷା ଓ ଓଡ଼ିଆ ସଂସ୍କୃତି ପାଇଁ ଶେଷକୁ ଦେବାଳିଆ ହୋଇଯାଇଥିଲେ । ଏପରିକି ବ୍ରଜସୁନ୍ଦର ଦାସ ବା ତାଙ୍କ ପରି କେତେକ ଜମିଦାର ଓ ରାଜା ଏହି ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ନିଜର ସବୁକିଛି ଉତ୍ସର୍ଗ କରିଦେଇଥିଲେ । ତେଣୁ ଓଡ଼ିଆ ଜାତୀୟତା ଓ ନେତୃତ୍ୱ ପଛରେ ତ୍ୟାଗ ଓ ସେବାର ଏକ ବଡ଼ ପୃଷ୍ଠଭୂମି ରହିଛି । ଅବଶ୍ୟ ପରବର୍ତ୍ତୀ ଅବସ୍ଥାରେ ନେତୃବୃନ୍ଦ ଏହି ଦ୍ୱି ଆଦର୍ଶ ଉପରେ ନିଜକୁ ପ୍ରତିଷ୍ଠିତ ନକରିବା ଯୋଗୁ ଓଡ଼ିଆ ଜାତୀୟତାର ଶକ୍ତି ଦୁର୍ବଳ ହୋଇଛି । ଏହି ଶକ୍ତିକୁ ପୁର୍ନଜୀବିତ କରିବା ପାଇଁ ଓଡ଼ିଆ ଭାଷା ହେଉଛି ପ୍ରକୃତ ମାଧ୍ୟମ । ଓଡ଼ିଆ ଭାଷା ଯେତେ ଶକ୍ତିଶାଳୀ ହେବ ସେହି ପରିମାଣରେ ଏହି ଅଂଚଳର ଓ ରାଜ୍ୟର ପ୍ରତିଷ୍ଠା, ସଂସ୍କୃତି, ଗାରିମା ଓ ସ୍ୱତନ୍ତ୍ରତା ସହିତ ସ୍ୱାଭିମାନ ସେତିକି ବଜାୟ ରହିବ । ଉତ୍କଳ ଦିବସକୁ ଓଡ଼ିଶା ଦିବସ କରିଦେଲେ ସେଥିରେ ଏହି ଆନ୍ଦୋଳନର ପୃଷ୍ଠଭୂମି ଓ ଇତିହାସକୁ ଭୁଲାଇ ଦିଆଯାଇପାରିବ କି ? ଓଡ଼ିଆ ଭାଷାର ଆକର୍ଷଣ ଶକ୍ତି ନଥିଲେ ଉତ୍କଳ ସମ୍ମିଳନୀ ଭାଷାଭିତିକ ରାଜ୍ୟ ପାଇଁ ଆନ୍ଦୋଳନ ଛିଡ଼ା କରିପାରିନଥାନ୍ତା । ସେହି ଦୃଷ୍ଟିରୁ ଓଡ଼ିଶାରେ ଓଡ଼ିଆ ଭାଷା ସବୁ ସ୍ତରରେ ଯେପରି ପ୍ରଭାବିତ ହେବ ସେଥିପାଇଁ ବରାବର ଉଦ୍ୟମ ହେବା କଥା । କିନ୍ତୁ ଗତ କିଛି ବର୍ଷ ହେଲା ସରକାରୀ ଶିକ୍ଷା ବ୍ୟବସ୍ଥାର ଦୁର୍ବଳତା ହେତୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସହିତ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ପ୍ରସାରଲାଭ କରୁଛି । ଫଳରେ ରାଜ୍ୟର ଅନେକ ମେଧାବୀ ଛାତ୍ରଛାତ୍ରୀ ଓଡ଼ିଆ ଭାଷାକୁ ଜୀବନର ମାଧ୍ୟମ ଭାବରେ ଗ୍ରହଣ କରୁନାହାନ୍ତି, ବରଂ ଏମାନଙ୍କ ଭିତରୁ ଅନେକ ଓଡ଼ିଆ ଭାଷାସାହିତ୍ୟ ଅଧ୍ୟୟନ ନକଲେ ମଧ୍ୟ ଜୀବନରେ ପ୍ରତିଷ୍ଠା ଲାଭ କରିବାର କୌଣସି ଅସୁବିଧା ନାହିଁ ବୋଲି ବିଚାର କରୁଛନ୍ତି । ରାଜ୍ୟ ସରକାର ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେଉଥିବା କହୁଛନ୍ତି । ହେଲେ ଅଧିକାଂଶ ପ୍ରଭାବଶାଳୀ ଶିକ୍ଷାନୁଷ୍ଠାନରେ ଇଂରାଜୀକୁ ପ୍ରଥମ ଭାଷାର ମର୍ଯ୍ୟାଦା ଦିଆଯାଇ ଏବେ ନୂତନ ଶିକ୍ଷାନୀତି ଅନୁସାରେ ତ୍ରିଭାଷୀ ପଢ଼ିବାର ଯେଉଁ ବ୍ୟବସ୍ଥା କରାଯାଇଛି ସେଥିରେ ହିନ୍ଦୀକୁ ଦ୍ୱିତୀୟ ଭାଷା ଓ ଓଡ଼ିଆକୁ ତୃତୀୟ ଭାଷା ରୂପେ ରଖାଯାଉଛି । ଅବଶ୍ୟ ଆଦୌ ଓଡ଼ିଆ ନପଢ଼ି ମଧ୍ୟ ଓଡ଼ିଶାରେ ଛାତ୍ରଛାତ୍ରୀ ହିନ୍ଦୀକୁ ଦ୍ୱିତୀୟ ଭାଷା ଓ ସଂସ୍କୃତ କିମ୍ବା ଅନ୍ୟ କୌଣସି ଆଂଚଳିକ ଭାଷାକୁ ତୃତୀୟ ଭାଷା ରୂପେ ରଖି ପଢ଼ିବାରେ କୌଣସି ଅସୁବିଧା ନାହିଁ । ରାଜ୍ୟ ସରକାରଙ୍କ ଅଧିନରେ ଥିବା ଶିକ୍ଷାବୋର୍ଡ ଅଧିନରେ ଯେଉଁ ହାଇସ୍କୁଲ୍ ରହିଛି ସେଠାରେ ଯଦି ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଭାଷା ହୋଇଥାଏ ତେବେ ଦ୍ୱିତୀୟ ଭାଷା ରୂପେ ହିନ୍ଦୀକୁ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଫଳରେ ଓଡ଼ିଆ ତୃତୀୟ ଭାଷାକୁ ଚାଲିଯାଉଛି । ମନେରଖିବାକୁ ପଡ଼ିବ ଯେ, ତୃତୀୟ ଭାଷାର ଗୁରୁତ୍ୱ ବୋର୍ଡ ପରୀକ୍ଷାରେ କୌଣସି ଗୁରୁତ୍ୱ ନଥାଏ । ଏପରି ନିର୍ଦ୍ଦେଶ ଓଡ଼ିଶା ବୋର୍ଡ କିପରି ପ୍ରଦାନ କରୁଛି ତାହା କେହି ବି ଦୃଷ୍ଟି ଦେଉନାହାନ୍ତି । ଯଦିଓ ସମସ୍ତେ ଜାଣନ୍ତି ଯେ, ଓଡ଼ିଆ ଭାଷା ସହିତ ଉତ୍କଳ ସମ୍ମଳନୀ ଆନ୍ଦୋଳନର ପୃଷ୍ଠଭୂମି ପ୍ରତ୍ୟେକ ଓଡ଼ିଆ ବ୍ୟକ୍ତି ନିହାତି ଜାଣିବା ଉଚିତ୍ । ଓଡ଼ିଶାର ଇତିହାସ, ସଭ୍ୟତା ଓ ସଂସ୍କୃତି କେବଳ ଓଡ଼ିଆ ଭାଷା ମାଧ୍ୟମରେ ହିଁ ଜଣେ ଠିକ୍ ଭାବରେ ଜାଣିପାରିବ । ଆଜିର ଦିବସରେ ଓଡ଼ିଶାର ସମସ୍ତ ବିଦ୍ୟାଳୟ ଗୁଡ଼ିକରେ ତାହା ରାଜ୍ୟ ସରକାରଙ୍କ ଅଧିନ ହେଉ ବା କେନ୍ଦ୍ର ସରକାରଙ୍କ ଅଧିନ ହେଉ ବା ଘରୋଇ ଅନୁଷ୍ଠାନ ହେଉ ସବୁଥିରେ ଓଡ଼ିଆ ଭାଷାକୁ ପ୍ରାଥମିକତା ଦେବା ପାଇଁ କଡ଼ା ନିୟମ କାର୍ଯ୍ୟକାରୀ ହେବା ଦରକାର । ଚଳିତ ବର୍ଷ ଠାରୁ ରାଜ୍ୟରେ ନୂଆ ଶିକ୍ଷାନୀତି କାର୍ଯ୍ୟକାରୀ ହୋଇଥିବାରୁ ରାଜ୍ୟ ସରକାର ଏହି ଦିଗ ପ୍ରତି ଗୁରୁତ୍ୱ ଦେବା ଅତି ଜରୁରୀ ।

# ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ପ୍ରତୀକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୯୦ତମ ଓଡ଼ିଶା ଦିବସ ଏକ ନୂତନ ବାର୍ତ୍ତା, ନୂତନ ଉନ୍ମାଦନା ନେଇ ଆସିଛି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ ଓଡ଼ିଶା ପାଇଁ କେବଳ ଏକ ଭୌଗୋଳିକ ସୀମାରେଖା ଟାଣି ଏହାକୁ ସେ ସମୟର ବ୍ରିଟିସ-ଇଣ୍ଡିଆର ଆଉ ଏକ ରାଜ୍ୟର ମାନ୍ୟତା ଦେବା ନ ଥିଲା, ସ୍ୱତନ୍ତ୍ର ଓଡ଼ିଶାର ଆନ୍ଦୋଳନ ଥିଲା ଓଡ଼ିଆ ଅସ୍ମିତା, ଓଡ଼ିଆ ଭାଷା, ଓଡ଼ିଆ ସଂସ୍କୃତି, ଓଡ଼ିଆ ସାହିତ୍ୟକୁ ବିଲୁପ୍ତ ହେବାରୁ ବଞ୍ଚାଇବାର ପ୍ରୟାସ । ଦୁର୍ଭାଗ୍ୟବଶତଃ, ଓଡ଼ିଶାର ଶେଷ ରାଜା ମୁକୁନ୍ଦ ଦେବଙ୍କ ପରେ ଓଡ଼ିଶା ନିଜର ସ୍ୱତନ୍ତ୍ର ଭୌଗୋଳିକ ସ୍ଥିତି ହରାଇ ବସିଥିଲା । ଏହା ଖଣ୍ଡ ବିଖଣ୍ଡିତ ହୋଇ ବିଭିନ୍ନ ପ୍ରଦେଶ, ବିଭିନ୍ନ ସାମ୍ରାଜ୍ୟରେ ନିଜକୁ ସଙ୍କୁଚିତ କରିଦେଇଥିଲା । ଏପରିକି, ଇଂରେଜ ଶାସନ ସମୟରେ ମଧ୍ୟ ଓଡ଼ିଶା ତିନି ଭାଗରେ ବିଭକ୍ତ ହୋଇ ଅଲଗା ଅଲଗା ପ୍ରୋଭିନ୍ ?ସ ସହିତ ସମ୍ମିଳିତ ହୋଇଥିଲା । ଶାସନ-ପ୍ରଶାସନର ଦ୍ୱାହି ଦେଇ ଏ ପ୍ରକାର ଏକ ଅବାଞ୍ଛିତ ଶାସନ ବ୍ୟବସ୍ଥା ଜୋର୍ ଜବରଦସ୍ତ ଲଦି ଦିଆ ଯାଇଥିଲା । କିନ୍ତୁ, ବିଧିର ବିଧାନ ଥିଲା ଅଲଗା । ସମୟାନୁକ୍ରମେ ବ୍ରିଟିସ ଶାସକମାନେ ଏହି ଐତିହାସିକ ଭୁଲ୍‌କୁ ବୁଝିପାରିଥିଲେ । ୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷ ପରେ ସେ ସମୟର ବ୍ରିଟିସ ସଚିବ ସ୍ୱୀକାର କରିଥିଲେ ଯେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ହେଲେ, ଏହି ଅଞ୍ଚଳରେ ବାରମ୍ବାର ହେଉଥିବା ପ୍ରାକୃତିକ ବିପର୍ଯ୍ୟୟକୁ ସଠିକ ଓ ପ୍ରଭାବୀ ଢଙ୍ଗରେ ମୁକାବିଲା କରାଯାଇପାରିବ । ଆଉ ଏକ ପାଦ ଆଗକୁ ଯାଇ ୧୮୮୫ ମସିହାରେ ସେ ସମୟର ଓଡ଼ିଶା ଡିଭିଜନ୍‌ର କମିସନର ଭାଷାଗତ ତଥା ସାଂସ୍କୃତିକ ସାମଞ୍ଜସ୍ୟ ଯୋଗୁଁ ସମ୍ବଲପୁର ଅଞ୍ଚଳକୁ ଓଡ଼ିଶାରେ ମିଶ୍ରଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ, ଯାହାକୁ ପରବର୍ତ୍ତୀ କମିସନର ଏଚ. ଜି. କୁକ୍ ୧୮୯୪-୯୫ ବାର୍ଷିକ ରିପୋର୍ଟରେ ଦୃଢ଼ଭାବେ ଉପସ୍ଥାପିତ କରିଥିଲେ ।

ଓଡ଼ିଶାର ବିଭିନ୍ନ ଅଞ୍ଚଳ ବ୍ରିଟିସ-ଇଣ୍ଡିଆର କେନ୍ଦ୍ରୀୟ ପ୍ରୋଭିନ୍‌ସ, ମାଡ୍ରାସ ପ୍ରେସିଡେନ୍‌ସି ଓ ବେଙ୍ଗଲ ପ୍ରେସିଡେନ୍‌ସି ସହ ସାମିଲ ହୋଇଥିଲା ।

ଏହି ଅପରିଣାମଦର୍ଶୀ ନିଷ୍ପତ୍ତି ଯୋଗୁଁ ଓଡ଼ିଆ ଭାଷା ତା'ର ଅସ୍ତିତ୍ୱ ହରାଇବାର ଆଶଙ୍କା ମଧ୍ୟ ଦେଖାଦେଇଥିଲା । ଅନେକ ବଙ୍ଗୀୟ ବୁଦ୍ଧିଜୀବୀ ସେ ସମୟରେ ଓଡ଼ିଆକୁ ଏକ ଭାଷାର ମାନ୍ୟତା ଦେବାକୁ ମନା କରିଦେଇଥିଲେ ଏବଂ ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ବଙ୍ଗାଳୀ ଭାଷାରେ ପାଠ ପଢ଼ାଇବାକୁ ଚାପ ପ୍ରୟୋଗ କରୁଥିଲେ । ୧୫ ଜାନୁଆରି, ୧୮୯୫ରେ ଏକ ଅଧିସୂଚନା ବଳରେ ସମ୍ବଲପୁର ଅଞ୍ଚଳରେ ଅଫିସ, ବିଚାରାଳୟ ଓ ସ୍କୁଲ ପାଇଁ ହିନ୍ଦୀକୁ ସରକାରୀ ଭାଷା ଭାବେ ଘୋଷଣା କରାଯାଇଥିଲା । ଏହା ବିରୁଦ୍ଧରେ ସ୍ୱତଃପ୍ରବୃତ୍ତ ଭାବେ ପ୍ରବଳ ଜନଅସନ୍ତୋଷ ଦେଖା ଦେଇଥିଲା । ଏହି ନିଷ୍ପତ୍ତି ବିରୁଦ୍ଧରେ ଉତ୍କଳଗୌରବ ମଧୁସୂଦନ ଦାସ ଓ ଧରଣୀଧର ମିଶ୍ର ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ । ସମ୍ବଲପୁର ଅଞ୍ଚଳରେ ମଧ୍ୟ ବ୍ରଜ ମୋହନ ପଟ୍ଟନାୟକ, ବଳଭଦ୍ର ସୁକର, ମହନ୍ତ ବିହାରୀ ଦାସ, ମଦନ ମୋହନ ଦାଶଙ୍କ ପରି ଅନେକ ଆନ୍ଦୋଳନକାରୀ ଏହାର ନେତୃତ୍ୱ ନେଇଥିଲେ ।

ସମସ୍ତେ ଏକସ୍ୱରରେ ଏହି ସ୍ୱେଚ୍ଛାଚାରୀ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ସହିତ ସମ୍ବଲପୁର ଅଞ୍ଚଳକୁ ଓଡ଼ିଶାରେ ସମ୍ମିଶ୍ରଣ କରିବା ଦାବିରେ ଆନ୍ଦୋଳନ ଜାରି ରଖିଥିଲେ । ଫଳସ୍ୱରୂପ, ୧୯୦୫ ମସିହାରେ ଆନ୍ଦୋଳନକାରୀଙ୍କ ଉଭୟ ଦାବି ପୂରଣ କରାଯାଇଥିଲା । ଏହି ନିଷ୍ପତ୍ତିକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରଥମ ସୋପାନ ଭାବେ ବିଚାର କରାଯାଇପାରେ । କିନ୍ତୁ, ଏହି ଆନନ୍ଦ ବେଶିଦିନ ତିଷ୍ଠି ନ ଥିଲା । ସେ ସମୟର ବ୍ରିଟିସ ସରକାରଙ୍କ ଦ୍ୱାରା ହିନ୍ଦୀ ଓ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ବେଙ୍ଗଲ ପ୍ରୋଭିନ୍ ?ସରୁ ଅଲଗା କରି ବିହାର-ଓଡ଼ିଶା ପ୍ରୋଭିନ୍‌ସ ୧୯୧୨ ମସିହାରେ ଗଠନ କରାଯାଇଥିଲା । ଗଞ୍ଜାମ ଓ ବିଜୟନଗରମ ମାଡ୍ରାସ ପ୍ରେସିଡେନ୍‌ସିରେ ରହିଲା । କିନ୍ତୁ, ଏହି ନିଷ୍ପତ୍ତି ଓଡ଼ିଶାରେ ତୀବ୍ର ଅସନ୍ତୋଷର ସୂତ୍ରପାତ କରିଥିଲା । ଏହି 'ଯାଆଁଳା' ରାଜ୍ୟ ଉତ୍ପନ୍ନ ଫଳରେ ଓଡ଼ିଶାରେ ବିହାରୀ ଓ ତେଲୁଗୁ ଭାଷାଭାଷୀଙ୍କ ଆଧିପତ୍ୟ ରହିବା ଏକ ପ୍ରକାର ନିଶ୍ଚିତ ଥିଲା ।

ତେଣୁ, ସେ ସମୟର ନେତୃମଣ୍ଡଳୀଙ୍କ ହୃଦ୍‌ବୋଧ ହୋଇଥିଲା ଯେ ଓଡ଼ିଆ ଭାଷା ଓ ଓଡ଼ିଶାର ଅସ୍ତିତ୍ୱ ବଞ୍ଚାଇବାକୁ ଗୋଟିଏ ମାତ୍ର ବାଟ ଥିଲା । ତାହା ହେଉଛି, ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ଭାଷାଭିତ୍ତିକ ରାଜ୍ୟ ଗଠନ କରିବା । ଏହା ଏକ ଅଭୂତପୂର୍ବ ନିଷ୍ପତ୍ତି ଥିଲା, କାରଣ ସେ ସମୟରେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ତୀବ୍ରତର ହେଉଥିଲା, ଏବଂ ଏପରି ଏକ ଆନ୍ଦୋଳନ କେହି କେବେ ଚିନ୍ତା କରି ନ ଥିଲେ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଦରଖାସ୍ତ, ପିଟିସନ ମାଧ୍ୟମ ଛାଡ଼ି, ଜନଆନ୍ଦୋଳନର ଆବଶ୍ୟକତା ଥିଲା । ଏହି ଭାବନାକୁ ତୃଣମୂଳ ସ୍ତରକୁ ନେବା ପାଇଁ ୧୯୦୩ ମସିହାରେ ଗଠନ ହୋଇଥିଲା 'ଉତ୍କଳ ସମ୍ମିଳନୀ' । ଏହାର ମୂଳ ଲକ୍ଷ୍ୟ ଥିଲା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ରକ୍ଷା କରି ଏହାର ବିକାଶ କରିବା, ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ କରି ଗୋଟିଏ ପ୍ରଶାସନିକ ଏକକ ଭାବେ ଗଠନ କରିବା ଏବଂ ନୂତନ ଭାବେ ଗଠିତ ରାଜ୍ୟର ବିକାଶ କରିବା ।

ଓଡ଼ିଶାର ସୌଭାଗ୍ୟ ଯେ ସେ ସମୟରେ ଏହି ଆନ୍ଦୋଳନକୁ ଜନମାନସରେ ରେଖାଙ୍କିତ କରିବା ପାଇଁ ଥିଲେ ଦୃଢ଼, ବିଜ୍ଞ ଓ ପ୍ରଗାଢ଼ ବୁଦ୍ଧିମତ୍ତା ବିଶିଷ୍ଟ ନେତୃତ୍ୱ । ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, କର୍ମବୀର ଗୌରୀଶଙ୍କର ରାୟ, ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ଶାସକ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ସ୍ୱଭାବକବି ଗଙ୍ଗାଧର ମେହେର ଉତ୍କଳ ସମ୍ମିଳନୀର ଆନ୍ଦୋଳନକୁ ବିସ୍ତାର କରିଥିଲେ ।

ତିନି ଦଶନ୍ଧିରୁ ଅଧିକ କାଳର ସଂଗ୍ରାମରେ ଏହି ଆନ୍ଦୋଳନ ଅନେକ ବାଧବିଘ୍ନ ଦେଇ ଗତି କରିଥିଲା । ୧୯୨୦ ମସିହାର ସଚ୍ଚିଦାନନ୍ଦ ସିହ୍ନାଙ୍କ ପ୍ରସ୍ତାବ, ୧୯୩୦ ମସିହାର ଗୋଲ ଟେବୁଲ ବୈଠକରେ ପାରଳା ରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଭାବବିହ୍ୱଳ ଅଭିଭାଷଣ, ୧୯୩୩ ମସିହାର ସୀମା ନିର୍ଦ୍ଧାରଣ ପାଇଁ ହବାକ କମିସନ ଏବଂ ଶେଷରେ ଏହି ଆନ୍ଦୋଳନର ସୁଖଦ ପରିଣାମ ଥିଲା ଭାରତ ସରକାର ଅଧିନିୟମ, ୧୯୩୫ । ଏହି ଅଧିନୟମ ଫଳରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ପରିଚୟ ନେଇ, ନୂତନ ଆଶାର ସଞ୍ଚାର ନେଇ ସୃଷ୍ଟି ହୋଇଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ, ଯାହା ଥିଲା ସ୍ୱାଧୀନ ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦେଶରେ ଭାଷା-ଆଧାରିତ ରାଜ୍ୟ ଗଠନ ପାଇଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଭୂମିକା ଥିଲା ମହତ୍ତ୍ୱପୂର୍ଣ୍ଣ । ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନର ଆଉ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଦିଗ ଥିଲା ଓଡ଼ିଆ ଭାଷା, ସାହିତ୍ୟକୁ ଉଜ୍ଜୀବିତ ଓ ଋଦ୍ଧିମନ୍ତ କରିବା । ତେଣୁ ସେ ସମୟରେ ସ୍ୱଭାବକବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ, ବ୍ୟାସକବି ଫକୀର ମୋହନ ସେନାପତି, ଭକ୍ତକବି ମଧୁସୂଦନ ରାଓ, କର୍ମବୀର ଗୌରୀଶଙ୍କର ରାୟ ନିଜର କାଳଜୟୀ ରଚନା ବଳରେ ଓଡ଼ିଆ ସାହିତ୍ୟ, ଓଡ଼ିଆ ଭାଷାକୁ ନୂତନ ଦିଗନ୍ତ ଦେଇଥିଲେ । ଓଡ଼ିଆ ଅସ୍ମିତାର ପୁରୋଧା ଥିଲେ ଏହି କବି, ଗାଳ୍ପିକ ତଥା ଗଦ୍ୟକାରମାନେ । ଏପରିକି ଉତ୍କଳଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସ ଓଡ଼ିଆ ଅସ୍ମିତାକୁ ଜାଗ୍ରତ କରିବା ପାଇଁ ସେମାନଙ୍କ ଲେଖନୀ ଚାଳନା କରିଥିଲେ । ଆଜି ସାରା ଓଡ଼ିଆ ଜାତି ଏହି ବରପୁତ୍ରମାନଙ୍କ ପାଖରେ ନତମସ୍ତକ । ଉତ୍କଳ ସମ୍ମିଳନୀର ଆଉ ଗୋଟିଏ ଦିଗ ଥିଲା ଭବିଷ୍ୟତରେ ଯେତେବେଳେ ବି ସ୍ୱତନ୍ତ୍ର ଓଡ଼ିଶା ଗଠିତ ହେବ ତାହାର ସର୍ବାଙ୍ଗୀନ ବିକାଶ କରିବା । ଗତ ପ୍ରାୟ ସାଢ଼େ ସାତ ଦଶନ୍ଧିରେ ଓଡ଼ିଶା ଅନେକ ପ୍ରଗତି କରିଛି । କିନ୍ତୁ, କ୍ଷୋଭର ବିଷୟ ଯେ ଓଡ଼ିଶାର ସାମର୍ଥ୍ୟ ଅନୁପାତରେ ସଫଳତା ହାସଲ କରିବାରେ ରାଜ୍ୟ ଅସମର୍ଥ ହୋଇଛି । ସ୍ୱାଧୀନତାର ପ୍ରାୟ ସାଢ଼େ ସାତ ଦଶନ୍ଧି ପରେ ବି ରାଜ୍ୟ ଦେଶର ପ୍ରମୁଖ ବିକଶିତ ରାଜ୍ୟ ଶ୍ରେଣୀରେ ପହଞ୍ଚି ପାରିନାହିଁ । ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ, ସୁଦୀର୍ଘ ବେଳାଭୂମି, ପ୍ରଚୁର ଜଳର ଉତ୍ସ, ବନ୍ୟ ସମ୍ପଦ ଇତ୍ୟାଦି ଯାହା ସବୁ ଗୋଟିଏ ରାଜ୍ୟର ବିକାଶ ପାଇଁ ଆବଶ୍ୟକ, ସବୁକିଛି ରହିଛି ଓଡ଼ିଶା ମାଟିରେ । ଯଦି କିଛି ଅଭାବ ଥିଲା, ତାହା ବୋଧହୁଏ ଥିଲା ଦୂରଦୃଷ୍ଟି ଓ ରାଜନୈତିକ ଇଚ୍ଛାଶକ୍ତି ।

କିନ୍ତୁ, ୨୦୨୪ ଜୁନ ୧୨ ତାରିଖରେ ଓଡ଼ିଶାର ସାମାଜିକ, ରାଜନୈତିକ ଚିତ୍ରପଟରେ ସଂପୂର୍ଣ୍ଣ ପରିବର୍ତ୍ତନ ଆସିଛି । ଓଡ଼ିଶାରେ ଲୋକଙ୍କ ସରକାର ଲୋକମାନଙ୍କ ପାଇଁ କାର୍ଯ୍ୟରତ । ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନ ଓ ସହଯୋଗରେ ଓଡ଼ିଶା ସରକାର 'ସମୃଦ୍ଧ ଓଡ଼ିଶା' ଗଠନ ପାଇଁ ଅଗ୍ରସର ହେଉଛନ୍ତି । କେନ୍ଦ୍ରର ସହଯୋଗ, ଓଡ଼ିଶା ସରକାରଙ୍କ ସ୍ୱଚ୍ଛ ଓ ପ୍ରଭାବୀ ଶାସନ ଏବଂ ସର୍ବୋପରି ରାଜ୍ୟବାସୀଙ୍କ କଠିନ ପରିଶ୍ରମ ଫଳରେ ୨୦୩୬ରେ ଯେତେବେଳେ ସ୍ୱତନ୍ତ୍ର ଓଡ଼ିଶା ଗଠନର ଶତବାର୍ଷିକୀ ପାଳନ କରାଯିବ, ସେତେବେଳେ ଓଡ଼ିଶା ଏକ ବିକଶିତ ରାଜ୍ୟରେ ପରିଣତ ହୋଇଥିବ ଏବଂ ସାମାଜିକ, ରାଜନୈତିକ ତଥା ଅର୍ଥନୈତିକ ମାନଦଣ୍ଡରେ ଦେଶର ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ପରିଗଣିତ ହେବ । ସମୃଦ୍ଧ ଓଡ଼ିଶା ଗଠନ ପାଇଁ ତିନିଟି ଶକ୍ତିର ଉପଯୋଗ ହେବ, ସେଗୁଡ଼ିକ ହେଉଛି- ଅସ୍ମିତା, ଉଚ୍ଚାକାଂକ୍ଷା ଓ ଅବିଶ୍ରାନ୍ତ ଉଦ୍ୟମ ।

ସ୍ୱତନ୍ତ୍ର ଓଡ଼ିଶାର ଇତିହାସ ଆଲୋଚନା କଲାବେଳେ ଆଉ ଗୋଟିଏ ଦିଗକୁ ଅଣଦେଖା କରାଯାଇପାରିବ ନାହିଁ, ତାହା ହେଉଛି ଆଞ୍ଚଳିକ ବୈଷମ୍ୟ । ଏହା ଅନସ୍ୱୀକାର୍ଯ୍ୟ ଯେ ଆମ ରାଜ୍ୟର କିଛି ଅଞ୍ଚଳ ଯେପରିକି ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶା ଅନ୍ୟ ଅଞ୍ଚଳ ପରି ବିକାଶର ଧାରାରେ ଆଶାନୁରୂପ ଭାବେ ସାମିଲ ହୋଇ ପାରିନାହିଁ । ଏହା ବେଳେବେଳେ ଜନ ଅସନ୍ତୋଷରେ ପ୍ରତିଫଳିତ ହୋଇଛି । ଏହି ସମସ୍ୟାକୁ ବିଗତ ସରକାରମାନେ ସଠିକ୍ ଭାବେ ସମାଧାନ କରିବାର ଆବଶ୍ୟକତା ଥିଲା । କିନ୍ତୁ, ସେହି ଐତିହାସିକ ଭୁଲ୍‌କୁ ସୁଧାରିବା ପାଇଁ ନୂତନ ସରକାର ସଂକଳ୍ପ ନେଇଛନ୍ତି, ଯାହାର ପ୍ରଥମ ନିଦର୍ଶନ ହେଉଛି, ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଓ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ । ଏହି ଦୁଇ ପରିଷଦ ସହିତ ପୂର୍ବ ଗଠିତ ପଶ୍ଚିମ ଓଡ଼ିଶା ପରିଷଦ ରାଜ୍ୟ ବିକାଶର ନୂଆ ଦିଗନ୍ତ ସୃଷ୍ଟି କରିବ । ରାଜ୍ୟର ଏକତା, ଅଖଣ୍ଡତା ସର୍ବୋପରି । ବିବିଧତା ଭିତରେ ଏକତା ହେଉଛି ଓଡ଼ିଆ ଅସ୍ମିତାର ପରିଚୟ । ଭାଷା, ଚଳଣି, ରୀତିନୀତି, ଖାଦ୍ୟପେୟରେ ସାମାନ୍ୟ ବିବିଧତା ଥିଲେ ମଧ୍ୟ ସମସ୍ତେ ଗୋଟିଏ ସୂତ୍ରରେ ବନ୍ଧା- ଏହା ହେଉଛି 'ଓଡ଼ିଆ ଜାତୀୟତା' ଯେଉଁଥିପାଇଁ ଆମ ପୂର୍ବଜମାନେ ଅନେକ ତ୍ୟାଗ ସ୍ୱୀକାର କରିଛନ୍ତି । ତାଙ୍କର ସେହି ତ୍ୟାଗ, ବଳିଦାନ କେବେହେଲେ ବ୍ୟର୍ଥ ଯିବ ନାହିଁ । ତାଙ୍କର ସ୍ୱପ୍ନର ଓଡ଼ିଶା ବର୍ତ୍ତମାନର ନୂତନ ସରକାର ନିର୍ମାଣ କରିବେ ଏବଂ ସାଢ଼େ ଚାରିକୋଟି ରାଜ୍ୟବାସୀ ଏହି ଯଜ୍ଞରେ ସ୍ୱତଃପ୍ରବୃତ୍ତ ଭାବେ ସାମିଲ ହେଉଛନ୍ତି । ଆଗାମୀ ଦଶନ୍ଧି ହେବ 'ଓଡ଼ିଶାର ଦଶନ୍ଧି', ଏଥିରେ ତିଳେ ମାତ୍ର ସଂଶୟ ନାହିଁ ।

# ପୁଲିସ ଭ୍ୟାନ୍‌କୁ ପଥରମାଡ଼: ପୁଲିସ କର୍ମୀ ଆହତ, ୬ ଜଣ ଗିରଫ

ଭୁବନେଶ୍ୱର: ରାତି ଅଧରେ ରଣକ୍ଷେତ୍ର ପାଲଟିଲା ଭରତପୁରର ବନଦୁର୍ଗା ବସ୍ତି । ଅଭିଯୁକ୍ତକୁ ବାନ୍ଧିବାକୁ ଗଲାବେଳେ ପୁଲିସ କର୍ମଚାରୀଙ୍କ ଉପରେ ଅତର୍କିତ ଆକ୍ରମଣ ହୋଇଛି । ଢେଲାପଥର ମାଡ଼ରେ ପିସିଆର୍ ଭାଙ୍ଗି ଯାଇଛି । ପିସିଆର ଭିତରେ ବସି ନିଜକୁ ସୁରକ୍ଷିତ ମଣୁଥିବା ପୁଲିସ କର୍ମଚାରୀ ଆହତ ହୋଇଛନ୍ତି । ଏଭଳି ଏକ ଆକ୍ରମଣ ପାଇଁ ବିଲ୍‌କୁଲ୍ ପ୍ରସ୍ତୁତ ନଥିବା ଭରତପୁର ଥାନା ପୁଲିସ୍ ପାଇଁ ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିଲା । ଏଥିରେ ମହିଳା ପୁଲିସ ଅଧିକାରୀଙ୍କ ସହ ଦୁଇଜଣ ଆହତ ହୋଇଥିବା ବେଳେ ୬ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି ।





ସୂଚନା ମୁତାବକ, ଜମିବାଡ଼ି ବିବାଦକୁ ନେଇ ବନଦୁର୍ଗାବସ୍ତିରେ ଦୁଇଭାଇ ସୂର୍ଯ୍ୟ ମହାରଣା ଓ ଅଶୋକଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା । ରବିବାର ରାତିରେ ଅଶୋକ ବଡ଼ ଭାଇଙ୍କ ପାଖକୁ ଯାଇ ଘରର ଅଧା ଦେବାକୁ ଦାବି କରିଥିଲେ । କଥାକଟାକଟି ହେବା ସହ ଉଭୟଙ୍କ ମଧ୍ୟରେ ବଚସା ଉଗ୍ରରୂପ ନେଇଥିଲା । ଉତକ୍ଷିପ୍ତ ହୋଇ ସୂର୍ଯ୍ୟ ଓ ତାଙ୍କ ୨ ପୁଅ ଦୁଇଟି ଖଣ୍ଡା ଧରି ଅଶୋକଙ୍କ ଆଡ଼କୁ ଝପଟି ଆସିଥିଲେ । ପ୍ରାଣ ବିକଳରେ ଅଶୋକ ରାସ୍ତାରେ ଦୌଡ଼ିଥିଲେ । ବାପା-ପୁଅ ମଧ୍ୟ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ପକାଇଥିଲେ । ଅଶୋକଙ୍କ ମୁଣ୍ଡ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଯିବା ପରେ ବାପ-ପୁଅ ସେଠାରୁ ପଳାଇଥିଲେ । ବସ୍ତି ଲୋକେ ଅଶୋକଙ୍କୁ ଡାକ୍ତରଖାନା ନେଇଥିଲେ । ଏହାକୁ ନେଇ ବସ୍ତିରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ପୂରା ବସ୍ତି ଦୁଇ ଗୋଷ୍ଠୀ ହୋଇଯିବାରୁ ଛକାପଞ୍ଝା ଲାଗି ରହିଥିଲା । କିଛି ଲୋକ ସୂର୍ଯ୍ୟଙ୍କୁ ଆକ୍ରମଣ ପାଇଁ ଛକି ରହିଥିଲେ । ଖବର ପାଇ ଭରତପୁର ଥାନା ପୁଲିସର ୨ଟି ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚିଥିଲା । ଅଭିଯୁକ୍ତ ସୂର୍ଯ୍ୟ ଓ ୨ପୁଅଙ୍କୁ ଆଣିବା ବେଳେ କିଛି ଲୋକ ପ୍ରତିବାଦ କରିଥିଲେ । କିନ୍ତୁ ପୁଲିସ ଅଭିଯୁକ୍ତଙ୍କୁ ନଛାଡ଼ିବାରୁ ସେମାନେ ଟେକାପଥର ମାଡ଼ କରି ଅଭିଯୁକ୍ତଙ୍କୁ ପୁଲିସ୍ ଠାରୁ ଛଡ଼ାଇ ନେବାକୁ ଚାହିଁଥିଲେ । କୌଣସି ପରିସ୍ଥିତିରେ ଲୋକମାନେ ଶୁଣିବା ଅବସ୍ଥାରେ ନଥିଲେ । ଚାରିଦିଗରୁ ଢେଲାପଥର ମାଡ଼ ଜାରି ରହିଥିଲା । ଏଭଳି ଆକ୍ରମଣରେ ଥାନାର ଅତିରିକ୍ତ ଇନ୍‌ସ୍‌ପେକ୍ଟର ମାଧବାନନ୍ଦ ବସ୍ତିଆ, ମହିଳା ଏଏସ୍‌ଆଇ ସଂଘମିତ୍ରା କର ଓ ଭ୍ୟାନ୍ ଚାଳକ କାର୍ତ୍ତିକ ବେହେରା ଗୁରୁତର ଆହତ ହୋଇଥିଲେ । ପରିସ୍ଥିତି ଅଣାୟତ୍ତ ହେବାରୁ ୩ଟି ଭ୍ୟାନ୍ ଓ ଫୋର୍ସ ସେଠାରେ ପହଞ୍ଚି ସ୍ଥିତିକୁ ଆୟତ କରିଥିଲା । ଆହତ ଅଧିକାରୀ ଓ କର୍ମଚାରୀଙ୍କୁ ହସ୍‌ପିଟାଲ୍ ପଠାଇଥିଲା । ଏନେଇ ପୁଲିସ ଏକ ମାମଲା ରୁଜୁକରି ଆଜି ୬ଜଣଙ୍କୁ କୋର୍ଟ ଚାଲାଣ କରିଛି । ସେମାନେ ହେଲେ ବନଦୁର୍ଗା ବସ୍ତିର ସୂର୍ଯ୍ୟ ମହାରଣା, ପତ୍ନୀ ଆରତୀ ମହାରଣା, ପୁଅ ମନୋଜ ମହାରଣା, ଅକ୍ଷୟ ମହାରଣା, ରଶ୍ମୀତା ନାୟକ ଓ ଶାସ୍ତ୍ରୀନଗରର ରାକେଶ ନାୟକ । ସେମାନଙ୍କ ନିକଟରୁ ଲୁହା ଛଡ଼, ଠେଙ୍ଗା ଆଦି ମାରଣାସ୍ତ୍ର ଜବତ କରିଛି ।

ଅଶୋକଙ୍କ ଅଭିଯୋଗ ହେଉଛି, ଦୁଇଭାଇ ଏକାଠି ରହୁଥିଲେ । ଘର ତିଆରିରେ ଅଶୋକ ଅଧିକ ଅର୍ଥ ଖର୍ଚ୍ଚ କରିଥିଲେ । କିନ୍ତୁ ପରେ ବଡ଼ ଭାଇ ଘରକୁ ମାଡ଼ିବସି ଅଶୋକଙ୍କୁ ବାହାର କରି ଅଶୋକ ଭଡ଼ାଘରେ ରହୁଥିଲେ । କିନ୍ତୁ ଭାଗ ପାଇଁ ବସ୍ତି ମୁରବିଙ୍କଠାରୁ ଆରମ୍ଭ କରି ଥାନା ପର୍ଯ୍ୟନ୍ତ ଧାଉଁଥିଲେ । ସୂର୍ଯ୍ୟ କାହା କଥାକୁ ଶୁଣି ନଥିଲେ । ଏହାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିଲା । ଭରତପୁର ଥାନାରେ ଆପୋସ ବୁଝାମଣା ପରେ ସୂର୍ଯ୍ୟ ଅଧା ଛାଡ଼ିବାକୁ ରାଜି ହୋଇଥିଲେ । ହେଲେ ଥାନାରୁ ଆସିବା ପରେ ସୂର୍ଯ୍ୟଙ୍କ ନିଷ୍ପତ୍ତି ବଦଳି ଯାଇଥିଲା ।

କମିସନରେଟ୍ ପୁଲିସ ବେଶି ଶକ୍ତ ଓ ଦକ୍ଷ ବୋଲି ସାଧାରଣରେ ଏକ ବିଶ୍ୱାସ ରହିଛି । କିନ୍ତୁ ଜନସାଧାରଣଙ୍କୁ ସୁରକ୍ଷା ଦେଉଥିବା କମିସନରେଟ୍ ପୁଲିସ ବି ନିଜେ ସୁରକ୍ଷିତ ନୁହେଁ । ବିଭିନ୍ନ ଘଟଣାରେ ପୁଲିସ୍‌ର ପଦକ୍ଷେପ ସମୟରେ ସେମାନେ ଆକ୍ରମଣର ଶିକାର ହେଉଛନ୍ତି । ଆଇଆଇସି ସ୍ତରରୁ ଆରମ୍ଭ କରି କନେଷ୍ଟବଳ ପର୍ଯ୍ୟନ୍ତ କେହି ବି ଅପରାଧୀଙ୍କ ଆକ୍ରୋଶରୁ ବର୍ତ୍ତିପାରୁ ନାହାନ୍ତି । ଉପକଣ୍ଠରୁ ଆରମ୍ଭ କରି ରାଜଧାନୀ ଭିତରେ ଅପରାଧୀମାନଙ୍କ ଏଭଳି ଦୁଃସାହସିକ ଦୌରାତ୍ମ୍ୟ ଦେଖିବାକୁ ମିଳିଛି । ତେବେ ଅପରାଧୀଙ୍କ ଆକ୍ରୋଶରେ ସବୁଠୁ ଅଧିକ ଶିକାର ହୋଇଛନ୍ତି ମହିଳା ପୁଲିସ । ତେଣୁ ନିଜକୁ ରକ୍ଷା କରି ପାରୁ ନଥିବା କମିସନରେଟ୍ ପୁଲିସ ସାଧାରଣ ଲୋକଙ୍କୁ କି ସୁରକ୍ଷା ଯୋଗାଇବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗତ ୨ବର୍ଷ ମଧ୍ୟରେ କମିସନରେଟ୍ ପୁଲିସ ୧୫ରୁ ଅଧିକ ଥର ଆକ୍ରମଣର ଶିକାର ହୋଇଥିବା ଜଣାପଡ଼ିଛି ।

## ସଂସ୍କୃତିଭବନ ପରିସରରେ ଜମୁଛି ମଦ ଆସର, ଯିବାକୁ ଡରୁଛନ୍ତି କର୍ମଚାରୀ

ଭୁବନେଶ୍ୱର: ସଂସ୍କୃତି ଭବନ ପରିସରରେ ଅପସଂସ୍କୃତି । ଅସାମାଜିକ ବ୍ୟକ୍ତି ମଦ, ଗଞ୍ଜେଇ, ବ୍ରାଉନ୍‌ସୁଗାର ଠାରୁ ଆରମ୍ଭ କରି ଯାବତୀୟ ନିଶାଦ୍ରବ୍ୟ ସେବନ କରୁଛନ୍ତି । ସଂସ୍କୃତି ବିଭାଗ ଫାଟକଠାରୁ ଭଞ୍ଜକଳାମଣ୍ଡପ ଓ ସଂସ୍କୃତି ଭବନ ଚାରିପାଖରେ ଖୋଲାଖୋଲି ଭାବରେ ଚାଲିଛି ନିଶା ସେବନ । ଦିନରୁ ରାତି ଯାଏ ଏମାନଙ୍କର ଉତ୍ପାତ ଅଭାବନୀୟ ସ୍ଥିତି ସୃଷ୍ଟି କରିଛି । ଅସାମିଜଙ୍କ ଦୌରାତ୍ମରେ ସଂସ୍କୃତି ବିଭାଗରେ କାମ କରୁଥିବା କର୍ମଚାରୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ଏମିତିକି ଭଞ୍ଜକଳାମଣ୍ଡକୁ ବିଭିନ୍ନ କାର୍ଯ୍ୟକ୍ରମରେ ଆସୁଥିବା ଲୋକେ ମଧ୍ୟ ଅପ୍ରୀତିକର ପରିସ୍ଥିତିର ସାମନା କରୁଛନ୍ତି । ଏଥିପ୍ରତି ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଚୁପ୍ ଥିବା ବେଳେ ପୁଲିସ ମଧ୍ୟ ନିଦା ବିଷ୍ଣୁ ସାଜିଛି । ଭଞ୍ଜକଳାମଣ୍ଡପ ଓ ସଂସ୍କୃତି ଭବନ ମଝିରେ ଥିବା ସ୍ଥାନରେ ସକାଳୁ ରାତି ଯାଏ କିଛି ଅସାମିଜ ଲୋକ ଆଡ୍ଡା ଜମାଉଛନ୍ତି । ଯାହାଦ୍ୱାରା ସଂସ୍କୃତି ଭବନରେ କାମ କରୁଥିବା ମହିଳା କର୍ମଚାରୀମାନେ ଯିବାଆସିବାକୁ ଭୟ କରୁଛନ୍ତି । ଆଶ୍ଚର୍ଯ୍ୟର କଥା ଅଫିସ ସମୟରେ ଗାଡ଼ି ଉପରେ ବୋତଲ ରଖି ଖୋଲାଖୋଲି ମଦ ପିଉଛନ୍ତି । ଗଞ୍ଜେଇ ଟାଣି ଲୋକଙ୍କ ମୁହଁକୁ ଧୂଆଁ ଛାଡୁଛନ୍ତି । ସନ୍ଧ୍ୟାବେଳେ ଏମାନଙ୍କ ଉତ୍ପାତ ଅଧିକ ବଢ଼ି ଯାଉଛି । ସଂସ୍କୃତି ଭବନ ପଛ ପାଖରେ ବ୍ରାଉନସୁଗାର ସେବନ ହେଉଛି । ଅଧିକ ନିଶା ହୋଇଗଲେ ଲୋକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରୁଛନ୍ତି । ଏମିତିକି ସେହି ବାଟ ଦେଇ ଯାଉଥିବା ଲୋକେ ଯଦି ଖାଲି ଚାହିଁ ଦେଉଛନ୍ତି, ଚିହିଁଙ୍କି ଉଠୁଛନ୍ତି ଏହି ନିଶାଡ଼ିମାନେ ।

ପ୍ରାୟତଃ ଭଞ୍ଜକଳାମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି । ହେଲେ ଏଠାକୁ ଆସୁଥିବା ଅତିଥି, କଳାକାର ଓ ସଂଗଠକମାନେ ଏଥିପାଇଁ ବଡ଼ ସମସ୍ୟାରେ ପଡୁଛନ୍ତି । ମହିଳା କଳାକାରଙ୍କୁ କମେଣ୍ଟ ମରାଠାରୁ ଆରମ୍ଭ କରି ଖରାପ ଶବ୍ଦ ବ୍ୟବହାର କରୁଛନ୍ତି । ସଂସ୍କୃତି ଭବନ ନିକଟରେ ଥିବା ଏକ ଘରେ ନିୟମିତ ଭୋଜି ସାଙ୍ଗକୁ ନିଶା ଆସର ଜମୁଛି । ଏଭଳି ଘଟଣା ମାସ ମାସ ଧରି ଚାଲୁଥିବା ବେଳେ ବିଭାଗୀୟ ଅଧିକାରୀମାନେ ନିଶାଡ଼ିଙ୍କୁ ଭୟ କରୁଛନ୍ତି । କିଛି ଦିନ ତଳେ ବିଭାଗର ମହିଳା କର୍ମଚାରୀମାନେ ଏ ସମ୍ପର୍କରେ ସଚିବଙ୍କୁ ଜଣାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇ ନଥିବା ଜଣାପଡ଼ିଛି । ଅନ୍ୟପଟେ ବଡ଼ଗଡ଼ ପୁଲିସ ଏଠାରେ ପାଟ୍ରୋଲିଂ କରୁନଥିବା ଅଭିଯୋଗ ହୋଇଛି । ସାଧାରଣ ଲୋକଙ୍କ ନୟମିତ ଯା'ଆସ ପାଇଁ ସଂସ୍କୃତି ବିଭାଗ କାର୍ଯ୍ୟାଳୟକୁ ଲୋକସେବା ଭବନ ପରିସରରେ ନ ରଖି ଏଠାରେ ରଖାଯାଇଛି । ପ୍ରତିଦିନ ସଂସ୍କୃତି ଭବନକୁ ଶହ ଶହ କଳାକାର, ସାଂସ୍କୃତିକ ଅନୁଷ୍ଠାନ ଆସୁଛନ୍ତି । କିନ୍ତୁ ଏଠାରେ ଏଭଳି ଅପସଂସ୍କୃତି ଅନେକଙ୍କୁ ବ୍ୟଥିତ କରୁଛି ।

# ପାଣି ବିଲ୍: କାହାର ୧୮ ହଜାର, କାହାର ୧୦

ଭୁବନେଶ୍ୱର: ପର ଘରେ ମୂଲ ଲାଗିରେ ମାସିକ ୫ ହଜାର ଟଙ୍କା ବି ମିଳୁନି । ସ୍ୱାମୀ ସ୍ତ୍ରୀ ମିଶି ଯେତିକି ରୋଜଗାର ହେଉଛି ସେଥିରେ କୁଟୁମ୍ବଙ୍କ ପେଟ ପୂରୁନି । ହେଲେ ପାଣି ବିଲ୍ ଆସିଛି ୧୮ହଜାର ୮୩ଟଙ୍କା । ପୂର୍ବରୁ ଗୋଟିଏ ଜାଗାରୁ ଦିନକୁ ଦୁଇ ଥର ସମସ୍ତେ ପାଣି ଆଣୁଥିଲୁ । ହେଲେ ୨୪ ଘଣ୍ଟିଆ ପାଣି ମିଳିବ କହି ଘରକୁ ପାଇପ୍ ସଂଯୋଗ କରି ମିଟର୍ ଲଗେଇ ଦେଲେ । ମିଟର୍ ଲାଗିବା ପରେ ଥରୁଟିଏ କେହି ରିଡିଂ ନେଇ ବିଲ୍ ଦେଇନାହାନ୍ତି । ହେଲେ ବିଲ୍୧୮ ହଜାର ଟଙ୍କାରେ ପହଞ୍ଚିଲାଣି । ସବୁ ସମ୍ପତ୍ତି ବିକିଦେଲେ ବି ୧୮ ହଜାର ହବନି । ପାଣି ବିଲ୍ ପାଇଁ ପଇସା କୋଉଠୁ ଆଣିବୁ ?

ୟୁନିଟ୍-୩ କେଶରୀନଗର ବସ୍ତିର କେବଳ ରୀନା ପ୍ରଧାନ ନୁହନ୍ତି, ବରଂ ଏଭଳି ସମସ୍ୟା ଏକାଧିକ ବସ୍ତିବାସିନ୍ଦାଙ୍କର ରହିଛି । କନକ ସିଂହ ମାଝୀଙ୍କର ୧୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ବିଲ୍ ଆସିଥିଲା ବେଳେ ସୁନ୍ଦରୀ ସେଠୀଙ୍କର ୨୩୦୯ ଟଙ୍କା ବିଲ୍ ଆସିଛି । ସେହିଭଳି ଅନ୍ୟମାନଙ୍କର ମଧ୍ୟ ହଜାର ହଜାର ଟଙ୍କାର ବିଲ୍ ଆସିଛି । ଯେଉଁମାନଙ୍କର ବିଲ୍ ଆସିନି ସେମାନେ ଏବେ ଆଶଙ୍କାରେ ଅଛନ୍ତି, କେବେ ଆସିଯିବ । ରାଜଧାନୀର ୩୬ ନମ୍ବର ୱାର୍ଡରେ ଥିବା ଏହି ବସ୍ତିରେ ପାଖାପାଖି ୩୦୦ ପରିବାରର ଦେଢ଼ ହଜାର ଲୋକ ବସବାସ କରୁଛନ୍ତି । ବସ୍ତିର ଅଧିକାଂଶ ଲୋକ ଘରୋଇ ସହାୟିକା, ଶ୍ରମିକ ଅଥବା ଛୋଟ ମୋଟ ବ୍ୟବସାୟ କରନ୍ତି ।

ଏଭଳିସ୍ଥିତିରେ ବିଦ୍ୟୁତ୍ ବିଲ୍ ସହିତ ଏତେ ଟଙ୍କାର ପାଣି ବିଲ୍ ସେମାନଙ୍କୁ ବୋଝ ଉପରେ ନଳିତା ବିଡ଼ା ଭଳି ହୋଇଛି । ବସ୍ତିବାସିନ୍ଦାଙ୍କ କହିବା ଅନୁଯାୟୀ ଯଦି ଆମେ କିସ୍ତିରେ ବି ଟଙ୍କା ଦେଉ ତାହା ବି ଆମକୁ ବାଧିବ । ପୁଣି ସ୍ୱଳ୍ପ ଆୟ ଯେହେତୁ କେତେ ବ୍ୟବହାର କଲେ କେତେ କ'ଣ ଆସିବ ଜାଣି ନାହୁଁ । ତେଣୁ ପାଣି ବିଲ୍ ବିଷୟରେ ସରକାର ବିଚାର କରିବାକୁ ସେମାନେ ଅନୁରୋଧ କରିଛନ୍ତି । କେବଳ ଏହି ବସ୍ତି ନୁହେଁ, ବରଂ ସହରସାରା ଏଭଳି ସମସ୍ୟା ରହିଛି । କେଉଁଠାରେ ବି ମିଟର ରିଡିଂ ହେଉନାହିଁ । ବରଂ ଅଫିସରମାନେ ଘରେ ବସି ମନଇଚ୍ଛା ବିଲ୍ ପ୍ରସ୍ତୁତ କରୁଥିବାରୁ ଏଭଳି ସମସ୍ୟା ହୋଇଥିବା ଅଭିଯୋଗ ହୋଇଛି ।

ଗତ ୨୦୧୯ ମସିହା ଡିସେମ୍ବର ମାସରେ ସରକାର ଘରେ ଘରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲାଗି ବ୍ୟବସ୍ଥା କରାଇଥିଲେ । ପାଣିର ଉଚିତ ବିନିଯୋଗ ପାଇଁ ମିଟର ବସାଇଥିଲେ । ସେତେବେଳେ ଜଳସାଥୀମାନେ ଜଳକର ଆଦାୟ କରିବେ ବୋଲି ନିଷ୍ପତ୍ତି ହୋଇଥିଲା । ଜଳର ଗୁଣାବତ୍ତା ପରୀକ୍ଷା କରିବା, ଜଳଯୋଗାଣ ସଂସ୍ଥା ଓ ଉପଭୋକ୍ତାମାନଙ୍କ ମଧ୍ୟରେ ଜଳସାଥୀମାନେ ସେତୁ ଭଳି କାମ କରିବେ ବୋଲି କୁହାଯାଇଥିଲା । ହେଲେ ଯୋଜନା ମୁତାବକ ଅଧିକାଂଶ ସ୍ଥାନରେ ଏହି ନିୟମ ଲାଗୁ ହେଲାନାହିଁ । ଫଳସ୍ୱରୂପ ରାଜଧାନୀର ଅଧିକାଂଶ ସ୍ଥାନରେ ମିଟର୍ ରିଡିଂ ନିଆଯାଉନାହିଁ । ଏନେଇ କର୍ପୋରେଟର ଅଲିଅଲି ମଲ୍ଲିକଙ୍କ କହିବା ଅନୁଯାୟୀ ବସ୍ତିର ଲୋକ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ବିଲ୍ ଛାଡ଼ କରାଯିବା ଉଚିତ । ଏଥିସହିତ ବସ୍ତିର ପାଣି ସମସ୍ୟା ବିଷୟରେ ସେ କନିଷ୍ଠ ଯନ୍ତ୍ରୀଙ୍କ ସହ କଥା ହୋଇଛନ୍ତି । ପାଣି ମିଟର ବ୍ୟବହାର ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ପାଇଁ ୱାଟକୋ କର୍ତ୍ତୃପକ୍ଷ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି ।

# ଓଡ଼ିଆ ପକ୍ଷ ଓଡ଼ିଆଙ୍କ ପାଇଁ ସ୍ୱାଭିମାନ, ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ନେଇ ପ୍ରେରଣାର ସମୟ ହେଉ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ଓଡ଼ିଆ ପକ୍ଷ ପାଳନ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି, ୧ ଏପ୍ରିଲ୍ 'ଓଡ଼ିଶା ଦିବସ' ଠାରୁ ୧୪ ଏପ୍ରିଲ୍ 'ଓଡ଼ିଆ ନବବର୍ଷ' ପର୍ଯ୍ୟନ୍ତ ଏହି ୧୪ ଦିନ ଆମେ 'ଓଡ଼ିଆ ପକ୍ଷ' ଭାବେ ପାଳନ କରୁଛୁ। ଏହି ପକ୍ଷର ପ୍ରତ୍ୟେକ ମୁହୂର୍ତ୍ତ ସବୁ ଓଡ଼ିଆଙ୍କ ପାଇଁ ସ୍ୱାଭିମାନ, ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ନେଇ ପ୍ରେରଣାର ସମୟ ହେଉ। ଓଡ଼ିଆ ପର୍ବ ହେଉ ଆମ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ, ନୃତ୍ୟ, ସଙ୍ଗୀତ ଓ ସଂସ୍କୃତିର ଉତ୍ସବ। ଏହି ସମୟ ମଧ୍ୟରେ ଯେଉଁ ମହାପୁରୁଷ ଓ ମହିୟସୀମାନଙ୍କ ତ୍ୟାଗ ଓ ବଳିଦାନ ଯୋଗୁଁ ୧୯୩୬ ମସିହାରେ ଖଣ୍ଡ ବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ ସମ୍ଭବ ହୋଇଥିଲା, ସେହି ବିଜ୍ଞାଣୀମାନଙ୍କୁ ସ୍ମରଣ କରିବା ଓ ସମ୍ମାନ ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହୁରି କହିଛନ୍ତି, ଓଡ଼ିଆ ନବବର୍ଷ ଏବଂ ମହାବିଷୁବ ସଂକ୍ରାନ୍ତି ହେଉ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ନୂଆ ଉଦ୍ୟମ, ନୂଆ ସଂକଳ୍ପ ଓ ବିକଶିତ ଓଡ଼ିଶାର ନୂତନ ଅବସର। ମନ, ପ୍ରାଣ, ହୃଦୟରେ ଓଡ଼ିଆ ହେବା। ଓଡ଼ିଆ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ ଏବଂ ସଂସ୍କୃତିକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏକ ସ୍ୱାଭିମାନୀ ଓଡ଼ିଶା ଗଢ଼ିବା।ଉତ୍ସାହର ସହିତ ଗାଁ, ସହର ଓ ପ୍ରତ୍ୟେକ ଘରେ ୧ ଏପ୍ରିଲ୍ ?ରୁ ୧୪ ଏପ୍ରିଲ୍ ଯାଏଁ 'ଓଡ଼ିଆ ପକ୍ଷ' ପାଳନ କରିବା।

# ତିନି ମାସ ଜଳାଇବ: ସ୍ୱାଭାବିକଠାରୁ ଅଧିକ ରହିବ ତାପମାତ୍ରା

ଭୁବନେଶ୍ୱର: ମାଡ଼ି ଆସୁଛି ତାତି। ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ଜଳିବ ସାରା ରାଜ୍ୟ। ଦିନର ତାପମାତ୍ରା ସ୍ୱାଭାବିକଠାରୁ ୨ରୁ ୪ ଡିଗ୍ରି ଅଧିକ ରହିବ। ପ୍ରବଳ ଗୁଳୁଗୁଳି ସହ ଝାଞ୍ଜି ମାଡ଼ ହେବ। ସ୍ଥାନେ ସ୍ଥାନେ ଦିନର ପାରଦ ୪୫ ଡିଗ୍ରି ଡେଇଁଯିବ। ଗ୍ରୀଷ୍ମ ପ୍ରବାହ ଦିନ ସଂଖ୍ୟା ବଢ଼ିବାକୁ ଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯିବ। ଓଡ଼ିଶା ପାଇଁ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଏଭଳି ପୂର୍ବାନୁମାନ କରିଛି। ଆହୁରି ସ୍ପଷ୍ଟ କରିଛି ଯେ ଏପ୍ରିଲ ଗ୍ରୀଷ୍ମ ମାସରେ ପରିଣତ ହେବ। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡରେ ଗ୍ରୀଷ୍ମ ପ୍ରବାହ ଦିନ ସଂଖ୍ୟା ୬ରେ ପହଞ୍ଚିବ। ଦିଲ୍ଲୀ ସମେତ ଉତ୍ତରପଶ୍ଚିମ ରାଜ୍ୟଗୁଡ଼ିକରେ ଗ୍ରୀଷ୍ମ ପ୍ରବାହ ଦିନ ସଂଖ୍ୟା ୨ରୁ ୩ ରହିବ। ଏପ୍ରିଲ, ମେ' ଓ ଜୁନ୍ ମାସରେ ପୂର୍ବ ଭାରତରେ ହାରାହାରି ୧୦ରୁ ୧୨ଟି ଗ୍ରୀଷ୍ମ ପ୍ରବାହ ଦିନ ରହିବାର ସମ୍ଭାବନା ରହିଛି। କେନ୍ଦ୍ରୀୟ, ପୂର୍ବ ଓ ଉତ୍ତରପଶ୍ଚିମ ଭାରତରେ ଗ୍ରୀଷ୍ମ ପ୍ରବାହ ଦିନ ଅଧିକ ରହିବ। ପୂର୍ବ ଓ ପଶ୍ଚିମ ଭାରତର କେତେକ ଅଞ୍ଚଳରେ ସର୍ବୋଚ୍ଚ ତାପମାତ୍ରା ସ୍ୱାଭାବିକ ରହିପାରେ। ଉତ୍ତର ଓ ପୂର୍ବ, କେନ୍ଦ୍ରୀୟ ଓ ଉତ୍ତରପଶ୍ଚିମ ଭାରତରେ ୨ରୁ ୪ ଦିନ ଅଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ। ସାଧାରଣତଃ ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ ୪ରୁ ୭ ଦିନ ଗ୍ରୀଷ୍ମ ପ୍ରବାହ ହୋଇଥାଏ। ମୋଟ ଉପରେ ଦେଖିବାକୁ ଗଲେ ଓଡ଼ିଶା, ରାଜସ୍ଥାନ, ଗୁଜରାଟ, ହରିୟାଣା, ପଞ୍ଜାବ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ତାମିଲନାଡୁର ଉତ୍ତରାଞ୍ଚଳରେ ଗ୍ରୀଷ୍ମ ପ୍ରବାହ



ଦିନ ସଂଖ୍ୟା ସ୍ୱାଭାବିକଠାରୁ ଅଧିକ ରହିବ। ଏପ୍ରିଲରେ ଦେଶର ଅଧିକାଂଶ ରାଜ୍ୟର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବାର ସମ୍ଭାବନା ରହିଛି। ଏପ୍ରିଲ ମାସରେ ଦେଶରେ ସ୍ୱାଭାବିକ ବର୍ଷା ହେବ। ତେବେ ଉତ୍ତରପଶ୍ଚିମ, ପେନିନ୍‌ସୁଲାର, ଉତ୍ତରପୂର୍ବ ଓ ପଶ୍ଚିମ କେନ୍ଦ୍ରୀୟ ଭାରତର କେତେକ ସ୍ଥାନରେ ସ୍ୱାଭାବିକ କିମ୍ବା ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ। ବାକି ଅଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ଆଇଏମ୍‌ଡି ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ। ତେବେ କେତେକ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ଆଶଙ୍କା ରହିଛି। ଏପ୍ରିଲ ୧ରେ ଦକ୍ଷିଣ ଓଡ଼ିଶା, ୨ ଓ ୩ ତାରିଖରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା, ୪ ଓ ୫ ତାରିଖରେ ପଶ୍ଚିମ ଓଡ଼ିଶା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ଝଡ଼ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଜି ୭ଟି ସହରର ତାପମାତ୍ରା ୪୦ ଡିଗ୍ରି ଉପରେ ରହିଥିବା ବେଳେ ବୌଦ୍ଧରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୨.୧ ଡିଗ୍ରି ରେକର୍ଡ ହୋଇଛି।

# ଉତ୍କଳ ଦିବସ ଅବସରରେ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ



ଭୁବନେଶ୍ୱର: ଉତ୍କଳ ଦିବସ ଅବସରରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ଦ୍ରେ?ପଦୀ ମୁର୍ମୁ 'ଏକ୍ସ'ରେ ଲେଖିଛନ୍ତି ଓଡ଼ିଶା ଦିବସ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ! ଏହି ଦିବସ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ନାନା କ୍ଷେତ୍ରରେ ଓଡ଼ିଶାବାସୀଙ୍କ ଉଲ୍ଲେଖନୀୟ ଅବଦାନକୁ ମନେ ପକାଇବାର ଏକ ସୁନ୍ଦର ଅବକାଶ । ବେଶ୍ ମେଳାପି ଓ ଅତିଥିବତ୍ସଳ ଓଡ଼ିଶାବାସୀ ଆପଣାର ଗୌରବମୟ ପରମ୍ପରାକୁ ଉଜ୍ଜୀବୀତ ରଖି ଓଡ଼ିଶାର ଉନ୍ନତି ନିମନ୍ତେ କଠିନ ପରିଶ୍ରମ କରିଆସିଛନ୍ତି । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ଏବଂ ଆଧୁନିକ ଭାରତର ଅନେକ ବିଜ୍ଞାଣିଙ୍କୁ ଏହି ରାଜ୍ୟ ଜନ୍ମ ଦେଇଛି । ଓଡ଼ିଶାର ଶାନ୍ତି ଓ ସମୃଦ୍ଧି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୁଁ ପ୍ରାର୍ଥନା କରୁଅଛି । ଠିକ୍ ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲେଖିଛନ୍ତି, ଉତ୍କଳ ଦିବସରେ ହାର୍ଦ୍ଦିକ ଶୁଭେଚ୍ଛା। ଏହି ଦିବସ ଓଡ଼ିଶାର ସମୃଦ୍ଧ ସଂସ୍କୃତି ପ୍ରତି ଏକ ଉପଯୁକ୍ତ ସମ୍ମାନ । ଓଡ଼ିଶାର ଇତିହାସ, ସାହିତ୍ୟ ଓ ସଂଗୀତକୁ ନେଇ ଭାରତ ଗର୍ବିତ। ଓଡ଼ିଶାର ଲୋକମାନେ କଠିନ ପରିଶ୍ରମୀ ଏବଂ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଛନ୍ତି । ଗତ ଏକ ବର୍ଷ ଧରି କେନ୍ଦ୍ର ଏବଂ ଓଡ଼ିଶା ସରକାର ରାଜ୍ୟର ଆହୁରି ପ୍ରଗତି ପାଇଁ ବ୍ୟାପକ ଭାବେ କାର୍ଯ୍ୟ କରୁଛନ୍ତି । ଏଣେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲେଖିଛନ୍ତି, ଓଡ଼ିଶାର ମୋର ଭାଇ-ଭଉଣୀ ତଥା ସମଗ୍ର ବିଶ୍ୱର କୋଣ ଅନୁକୋଣରେ ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର କରୁଥିବା ଓଡ଼ିଆ ସମୁଦାୟଙ୍କୁ 'ଓଡ଼ିଶା ଦିବସ'ର ହାର୍ଦ୍ଦିକ ଶୁଭକାମନା । ୧୯୩୬ ମସିହା ଆଜିର ଦିନରେ ଭାଷା ଭିତ୍ତିରେ ଆମ ଓଡ଼ିଶା ପ୍ରଥମ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପ୍ରାପ୍ତ ହେବାର ଗୌରବ ଲାଭ କରିଥିଲା। ଓଡ଼ିଆ ଅସ୍ମିତା, ଓଡ଼ିଆ ସ୍ୱାଭିମାନ ଏବଂ ଓଡ଼ିଆ ସଂସ୍କୃତିକୁ ଉଚିତ୍ ପରିଚୟ ଦେବା ପାଇଁ ସଂଘର୍ଷ କରିବା ସହ ବଳିଦାନ ଦେଇଥିବା ସମସ୍ତ ମହାପୁରୁଷଙ୍କୁ ମୋର ପ୍ରଣାମ । ଆଜିର ଦିନ ଆମକୁ ଓଡ଼ିଶାର କଳା, ସଂସ୍କୃତି, ଜ୍ଞାନ, ଶୌର୍ଯ୍ୟ, ବଳିଦାନ ଓ ଗୌରବମୟ ଇତିହାସ ଉପରେ ଗର୍ବ କରିବା ସହ ଆମର ସାଂସ୍କୃତିକ ଗଭୀରତା ସହ ଯୋଡିହେବା, ଓଡ଼ିଶାର ସଂସ୍କୃତିକୁ ବିଶ୍ୱ ମଞ୍ଚରେ ଅଧିକ ସୁଦୂରପ୍ରସାରୀ କରାଇବା ପାଇଁ ପ୍ରେରଣା ଦେଇଥାଏ । ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଆମର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ କରିବା ଏବଂ ଓଡ଼ିଶାର ଅଦ୍ୱିତୀୟ ପରିଚୟକୁ ଅଧିକ ମଜଭୂତ୍ କରିବା ପାଇଁ ସଂକଳ୍ପ ନେବା ।

# ଭୁବନେଶ୍ୱରରେ ପାଳିତ ହେଲା କମିସନରେଟ ପୁଲିସ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର: ଭୁବନେଶ୍ୱର କମିସନରେଟ ପୁଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱର ରିଜର୍ଭ ପୁଲିସ ପ୍ୟାରେଡ ପଡ଼ିଆରେ ୯୦ତମ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ପୁଲିସ କମିସନର ଡକ୍ଟର ସୁରେଶ ଦେବଦତ୍ତ ସିଂହ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଆଜିର ଦିନ ଅର୍ଥାତ୍ ୧୯୩୬ ମସିହାରେ ଉତ୍କଳ ପ୍ରଦେଶ ଗଠନ ସମୟରେ ଆଇନଶୃଙ୍ଖଳାରେ ଜନସାଧାରଣଙ୍କୁ ସହଯୋଗ କରିବାକୁ ଗଠିତ ହୋଇଥିଲା ପୁଲିସ ବିଭାଗ। ସେହି ଦିନଠାରୁ ଜନସାଧାରଣଙ୍କ ସେବାରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରି ଆସୁଛି ପୁଲିସ ବିଭାଗ।

ଓଡ଼ିଶା ପୁଲିସ ପାଇଁ ସ୍ୱତନ୍ତ୍ର ଦିନ। ଏହି ଅବସରରେ ନୂଆ କରି ପୁଲିସ ବିଭାଗରେ ଯୋଗ ଦେଇଥିବା କର୍ମଚାରୀଙ୍କୁ ନିଜର କର୍ତ୍ତବ୍ୟ ସାଧନ ଉପରେ ପ୍ରେରଣା ଦେବା ସହ କର୍ତ୍ତବ୍ୟରତ ଅବସ୍ଥାରେ ସହିଦ ହୋଇଥିବା କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।ଏଥିସହ କର୍ତ୍ତବ୍ୟରେ ଉଲ୍ଲେଖନୀୟ କାର୍ଯ୍ୟ ଦକ୍ଷତା ପାଇଁ କୃତି କର୍ମଚାରୀଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଛି।




ଓଡ଼ିଶା ଦିବସ ସମାରୋହ-୨୦୨୫
ତା: ୦୧.୦୪.୨୦୨୫ ରିଖ

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ଏବଂ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସମନ୍ୱିତ ବିକାଶ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
ସ୍ଥାନ–ସତ୍ୟଭାମାପୁର, କଟକ ସମୟ : ପୂର୍ବାହ୍ନ ୯ ଘଟିକା
– ମୁଖ୍ୟ ଅତିଥି –
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
– ଗରିମାମୟ ଉପସ୍ଥିତି –
ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ
ସାଂସଦ, କଟକ
ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡା
ସାଂସଦ,କେନ୍ଦ୍ରାପଡ଼ା
ଶ୍ରୀଯୁକ୍ତ ବିଭୁପ୍ରସାଦ ତରାଇ
ସାଂସଦ, ଜଗତସିଂହପୁର
ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ, ଆଠଗଡ଼
ଶ୍ରୀଯୁକ୍ତ ପ୍ରଶାନ୍ତ ବେହେରା, ବିଧାୟକ, ସାଲେପୁର
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ବିଧାୟକ, ଚୌଦ୍ୱାର–କଟକ
ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ, ବାଙ୍କୀ
ଇ. ସୋଫିଆ ଫିର୍ଦ୍ଦୋସ, ବିଧାୟିକା, ବାରବାଟୀ–କଟକ
ଇ. ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ଛବି ମଲ୍ଲିକ, ବିଧାୟକ, ନିଆଳି
ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନ, ବିଧାୟକ, ମାହାଙ୍ଗା
ଶ୍ରୀଯୁକ୍ତ ବିଜୟ କୁମାର ଦଳବେହେରା, ବିଧାୟକ, ବଡ଼ମ୍ବା
ଶ୍ରୀଯୁକ୍ତ ବି.ପରମେଶ୍ୱରନ୍, (ଭା.ପ୍ର.ସେ.)କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ
ସ୍ଥାନ ୱେଟ୍‌ଲିଫ୍ଟିଂ ଅଡ଼ିଟୋରିୟମ୍,
କେ.ଏଲ୍.ଏନ୍. ଷ୍ଟାଡିୟମ
ସମୟ : ଅପରାହ୍ନ ୫ ଘଟିକା
– ମୁଖ୍ୟ ଅତିଥି –
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
– ଗରିମାମୟ ଉପସ୍ଥିତି –
ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ
ଶ୍ରୀଯୁକ୍ତ ଗଜେନ୍ଦ୍ର ସିଂହ ଶେଖାୱତ୍
କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ
ଶ୍ରୀଯୁକ୍ତ ଜୁଏଲ୍ ଓରାମ
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ
ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳବାଇ, ଇଲେକ୍ଟ୍ରୋନିକ୍ସ, ଆଇ.ଟି.,
ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ
ଡା. ପି.କେ. ମିଶ୍ର
ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ
ଶ୍ରୀମତୀ ରେଖା ଗୁପ୍ତା
ମୁଖ୍ୟମନ୍ତ୍ରୀ, ନୂଆଦିଲ୍ଲୀ
ସାଂସ୍କୃତିକ କାର୍ଯ୍ୟକ୍ରମ

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ
ସ୍ଥାନ ଜୟଦେବ ଭବନ, ଭୁବନେଶ୍ୱର
ସମୟ : ସନ୍ଧ୍ୟା ୬ ଘଟିକା
– ମୁଖ୍ୟ ଅତିଥି –
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା
– ଗରିମାମୟ ଉପସ୍ଥିତି –
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ,
ଲୋକସଭା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ସରୋଜ କୁମାର ପ୍ରଧାନ
ସରକାରୀ ମୁଖ୍ୟ ସଚେତକ, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା
ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ
ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀଯୁକ୍ତ ସଂଜୟ କୁମାର ସିଂହ
ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
– ମୁଖ୍ୟବକ୍ତା –
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ, ଓଡ଼ିଶା
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଏହି ସମସ୍ତ କାର୍ଯ୍ୟକ୍ରମରେ ଆପଣଙ୍କ ସଦୟ ଉପସ୍ଥିତି କାମନା କରୁଛୁ !
ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର
15001/13/0488/2425 DADLS-08




## ସଶକ୍ତ ନାରୀ, ବିକଶିତ ଓଡ଼ିଶା

- **'ସୁଭଦ୍ରା'**ରେ ବର୍ତ୍ତମାନ ସୁଦ୍ଧା ୧ କୋଟିରୁ ଅଧିକ ଯୋଗ୍ୟ ମହିଳା ସାମିଲ୍; ଦୁଇଟି କିସ୍ତିରେ ବିତରଣ କରାଯାଇଛି ୯,୯୭୦ କୋଟିରୁ ଅଧିକ ଟଙ୍କା
- **'ଲକ୍ଷପତି ଦିଦି'** ପରିଚାଳନାରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ; ଓଡ଼ିଶାର ୧୧.୫ ଲକ୍ଷରୁ ଅଧିକ ମହିଳା ଏବେ ବାର୍ଷିକ ୧ ଲକ୍ଷ କିମ୍ବା ତାହାଠାରୁ ଅଧିକ ଆୟ କରି, ଏକ ସୁନିଶ୍ଚିତ ଓ ବିକଶିତ ଭବିଷ୍ୟତ ଦିଗରେ ଅଗ୍ରସର
- ଆର୍ଥିକ ଦୁଃସ୍ଥ ପରିବାରର ଝିଅମାନଙ୍କୁ ସମ୍ମାନର ସହ ବିବାହ କରାଇବା ପାଇଁ ନୂତନ ଭାବେ ପ୍ରଣୀତ **'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'**

## ଶିକ୍ଷାରେ ଉନ୍ନତି, ରାଜ୍ୟର ପ୍ରଗତି

- ଆଜିଠାରୁ ରାଜ୍ୟର ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲା **'ଜାତୀୟ ଶିକ୍ଷା ନୀତି, ୨୦୨୦'**
- ଗୁଣାତ୍ମକ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ପ୍ରତିଷ୍ଠା ହେବ **'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'**
- **'ମଧ୍ୟାହ୍ନ ଭୋଜନ'**ରେ ସାମିଲ୍ ହେବେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ
- **'ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯'** ଅନୁସାରେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ହେବ ସ୍ୱୟଂଶାସିତ

## ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା

- **'ଆୟୁଷ୍ମାନ୍ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା'**ରେ ସାମିଲ୍ ହେଲା ଓଡ଼ିଶା; ଦେଶର ୨୯ ହଜାରରୁ ଅଧିକ ଡାକ୍ତରଖାନାରେ ପ୍ରାୟ ୧ କୋଟିରୁ ଅଧିକ ପରିବାରକୁ ନଗଦ ବିହୀନ ଚିକିତ୍ସା ଯୋଗାଇବା ପାଇଁ ଏବି-ପିଏମ୍‌ଜେଏୱାଇ ସହିତ ସଂଯୁକ୍ତ

## ନିଯୁକ୍ତିରେ ନୂଆ ସମ୍ଭାବନା

- **ସରକାରୀ ନିଯୁକ୍ତି ଅଭିଯାନ :** ୫ ବର୍ଷରେ ୧.୫ ଲକ୍ଷ ସରକାରୀ ଚାକିରି, ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ଲକ୍ଷ୍ୟ ।
- ପୂର୍ବତନ ଅଗ୍ନିବୀରମାନଙ୍କୁ ୧୦% ସଂରକ୍ଷଣ ସହ ୩ ବର୍ଷ ବୟସ ସୀମା ଛାଡ଼ ଏବଂ ରାଜ୍ୟର ୟୁନିଫର୍ମ୍ ସେବାର ସମସ୍ତ 'ଗ' ଓ 'ଘ' ବର୍ଗ ପଦବୀରେ ନିଯୁକ୍ତି ପାଇଁ ଶାରୀରିକ ଦକ୍ଷତା ପରୀକ୍ଷାରୁ ମୁକ୍ତି
- ଆଗାମୀ ୨ ବର୍ଷ ମଧ୍ୟରେ ବୟନ ଶିଳ୍ପ କ୍ଷେତ୍ରରେ ୫୦ ହଜାର ନୂତନ ନିଯୁକ୍ତି ସୁଯୋଗ
- ସୂଚନା ପ୍ରଯୁକ୍ତି ଓ ଏହାର ସମର୍ଥିତ ସେବା କ୍ଷେତ୍ରରେ ଆଗାମୀ ୫ ବର୍ଷ ମଧ୍ୟରେ ୫୦ ହଜାର ନୂତନ ନିଯୁକ୍ତି ସୁଯୋଗ

## ଉନ୍ନତ କୃଷି ଓ ସମର୍ଥ ଚାଷୀ

- **ସମୃଦ୍ଧ କୃଷକ ଯୋଜନା:** ଧାନପାଇଁ ଏମ୍‌ଏସ୍‌ପି ଉପରେ ଇନ୍‌ପୁଟ୍ ସହାୟତା ସହ କୁଇଣ୍ଟାଲ୍ ପିଛା ୩,୧୦୦ ଟଙ୍କାରେ କ୍ରୟ; ୨୦୨୫-୨୬ ଆର୍ଥିକ ବର୍ଷରେ ୬,୦୦୦ କୋଟି ଟଙ୍କାର ବ୍ୟୟ ବରାଦ ; ଉପକୃତ ହେବେ ପ୍ରାୟ ୧୮ ଲକ୍ଷ ଚାଷୀ
- ଚଳିତ ଖରିଫ ଋତୁରେ ରେକର୍ଡ ପରିମାଣର ଧାନ ୧୬.୫୯ ଲକ୍ଷ ଚାଷୀଙ୍କଠାରୁ ପ୍ରାୟ ୭୩.୪୪ ଲକ୍ଷ ମେଟ୍ରିକ୍ ଟନ ଧାନ ସଂଗ୍ରହ
- ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୧୬,୮୯୦ କୋଟି ଟଙ୍କା ଏବଂ ଇନ୍‌ପୁଟ ସହାୟତା ଭାବେ ୫,୮୭୫ କୋଟି ଟଙ୍କା ପ୍ରଦାନ
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨୦୨୪ ଖରିଫ ଋତୁ ପାଇଁ ୨୨.୫୩ ଲକ୍ଷ ଏବଂ ୨୦୨୪-୨୫ ରବି ଋତୁ ପାଇଁ ୧.୮୩ ଲକ୍ଷ ଚାଷୀ ପଞ୍ଜୀକୃତ
- **ପିଏମ୍ - କିଷାନ୍:** ସମସ୍ତ ଯୋଗ୍ୟ ଓ ବାଦ୍ ପଡିଥିବା ହିତାଧିକାରୀଙ୍କୁ ସାମିଲ୍ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ; ନିକଟ ଅତୀତରେ ପ୍ରାୟ ୫ ଲକ୍ଷ ନୂଆ ଚାଷୀ ହୋଇଛନ୍ତି ଲାଭାନ୍ୱିତ
- **ଶୀତଳ ଭଣ୍ଡାର ନୀତି:** ୫୮ ସବ୍ ଡିଭିଜନ୍‌ରେ ଅତିକମ୍‌ରେ ଗୋଟିଏ ଲେଖାଏଁ ନୂତନ ଶୀତଳ ଭଣ୍ଡାର
- ରାଜ୍ୟର ଦୁଗ୍ଧ ଚାଷୀଙ୍କ ହିତ ସାଧନ ଓ ଦୈନିକ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ **'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'**
- ସମୁନ୍ନତ ମାଛ ଚାଷ ପାଇଁ ସମ୍ବଲପୁରଠାରେ ଅତ୍ୟାଧୁନିକ ସମନ୍ୱିତ ଆକ୍ୱାପାର୍କ ନିର୍ମାଣ ନିଷ୍ପତ୍ତି
- ୪୬ ବର୍ଷ ପରେ ହୀରାକୁଦ କେନାଲ ବ୍ୟବସ୍ଥାର ହେବ ପୁନରୁଦ୍ଧାର, ୮୫୫ କୋଟି ଟଙ୍କାର ବ୍ୟୟ ବରାଦ
- ୩୦୦ କୋଟି ଟଙ୍କା ବ୍ୟୟ ଅଟକଳ ବିଶିଷ୍ଟ **'ବଲାଙ୍ଗିର ଉପର ଲାନ୍ତ ଜଳସେଚନ ପ୍ରକଳ୍ପ'**ର ଶିଳାନ୍ୟାସ
- ରାସନ୍ କାର୍ଡ଼ ତଥ୍ୟାବଳୀକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ନିମନ୍ତେ ୩,୦୨,୨୪,୫୯୨ ହିତାଧିକାରୀଙ୍କ ଇ-କେ.ୱାଇ.ସି ଯାଞ୍ଚ ସମ୍ପନ୍ନ

## ବିକଶିତ ସହର, ସମୃଦ୍ଧ ଓଡ଼ିଶା

- **ପିଏମ୍ ଇ-ବସ୍ ସେବା:** ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁରରେ ଖୁବଶୀଘ୍ର ଚଳାଚଳ କରିବ ୪୦୦ ଇ-ବସ୍
- **ଓଡ଼ିଶା ଯାତ୍ରୀ ଆପ୍ କାର୍ଯ୍ୟକ୍ଷମ:** ସହରାଞ୍ଚଳ ପରିବହନରେ ଆସିଲା ପରିବର୍ତ୍ତନ; ଲୋକଙ୍କୁ ମିଳିଲା, ସୁରକ୍ଷିତ, ସୁଲଭ ଓ ସୁବିଧାଜନକ ଅଟୋ/କ୍ୟାବ୍ ସେବା
- **ନ୍ୟୁ ସିଟି, ଭୁବନେଶ୍ୱର :** ୮୦୦ ଏକର ଜମିରେ ନୂତନ ସହର ନିର୍ମାଣ ପାଇଁ ଆଗୁଆ ଯୋଜନା

## ପ୍ରଗତିର ପରିଭାଷା : ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ

- **ସେତୁ ବନ୍ଧନ ଯୋଜନା :** ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପାଇଁ ୨୦୨୯ ସୁଦ୍ଧା ୫୦୦ ନୂତନ ସେତୁ ନିର୍ମାଣ ଲକ୍ଷ୍ୟ, ୧୪୯ ସେତୁ ନିର୍ମାଣ ସଂପୂର୍ଣ୍ଣ, ୨୩୧ ନିର୍ମାଣାଧୀନ
- **ସେତୁ ତଥା ଆଡ଼ିବନ୍ଧ :** ୨୦୨୪-୨୦୨୫ ଆର୍ଥିକ ବର୍ଷରେ ୩୩ ପ୍ରକଳ୍ପ ସଂପୂର୍ଣ୍ଣ, ୭୧ଟି ନିର୍ମାଣାଧୀନ
- **ପ୍ରଧାନମନ୍ତ୍ରୀ ଜନମନ :** ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀ (ପିଭିଟିଜି) ଅଧ୍ୟୁଷିତ ଅଞ୍ଚଳ ପାଇଁ ୬୯ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପ୍ରେରିତ, ୪୦ଟି ରାସ୍ତା ଓ ୨ଟି ସେତୁ ମଞ୍ଜୁରୀ ପ୍ରାପ୍ତ, ୨୬ଟି ରାସ୍ତା ଓ ୨ଟି ସେତୁ ନିର୍ମାଣ ପ୍ରସ୍ତାବିତ, ସମସ୍ତ ଅନୁମୋଦିତ ପ୍ରକଳ୍ପ ନିର୍ମାଣାଧୀନ
- **'ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା'**ରେ ୮୧୩.୭ କି.ମି. ରାସ୍ତା ଓ ୩୧ଟି ସେତୁ ଏବଂ **'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'**ରେ ୩,୮୭୯.୩୮ କି.ମି. ରାସ୍ତା ନିର୍ମିତ
- ୨୦୨୪-୨୦୨୯ ମଧ୍ୟରେ ୩୦ ହଜାର କି.ମି. ରାସ୍ତା ନିର୍ମାଣ ଲକ୍ଷ୍ୟ, ୨୦୨୪-୨୦୨୫ ଆର୍ଥିକ ବର୍ଷରେ ନିର୍ମାଣ ହେଲାଣି ପ୍ରାୟ ୪,୬୯୩.୦୮ କି.ମି. ରାସ୍ତା ଏବଂ ୧୮୦ଟି ସେତୁ, ୬,୨୦୬.୩୭ କି.ମି. ରାସ୍ତା ଏବଂ ୧,୦୮୨ ସେତୁ ନିର୍ମାଣାଧୀନ
- **ବିକଶିତ ଗାଁ ବିକଶିତ ଓଡ଼ିଶା :** ୨୦୨୫-୨୦୨୬ରେ ଗ୍ରାମୀଣ ଭିତ୍ତିଭୂମି ନିର୍ମାଣ ଓ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ପାଇଁ ୨ ହଜାର କୋଟି ଟଙ୍କା
- **ପିଏମ୍‌ଏୱାଇ(ଜି) :** ପାଖାପାଖି ୨.୬୫ ଲକ୍ଷ ଘର ସମ୍ପୂର୍ଣ୍ଣ
- **ଅନ୍ତ୍ୟୋଦୟ ଗୃହ ଯୋଜନା :** ବଞ୍ଚିତ ନିମ୍ନ ଆୟକାରୀ ପରିବାରଙ୍କ ପାଇଁ ସରକାରଙ୍କ ଦ୍ୱାରା ଗୃହ ନିର୍ମାଣର ଶୁଭାରମ୍ଭ, ପକ୍କା ଗୃହ ନିର୍ମାଣ ପ୍ରାୟ ୬୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ
- **ଘରୋଇ ଟ୍ୟାପ୍ ସଂଯୋଗ :** ବୃହତ, ଏକକ ଏବଂ ସୌରଚାଳିତ ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ସମ୍ମିଶ୍ରଣରେ ୩ ଲକ୍ଷରୁ ଅଧିକ ପରିବାରକୁ ପାନୀୟ ଜଳ ଟ୍ୟାପ୍ ସଂଯୋଗ

## ଅଗ୍ରଗତି ପଥେ ଆମ ଜନଜାତି

- ରାଜ୍ୟରେ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ନିମନ୍ତେ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପରେ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ **'ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା'**ରେ ବାର୍ଷିକ ୫,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ
- ଆବାସିକ ବିଦ୍ୟାଳୟଗୁଡ଼ିକୁ ଅତ୍ୟାଧୁନିକ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ **'ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା'**
- ଯାଜପୁର ଓ କେନ୍ଦୁଝରର ଜିଲ୍ଲାର ଜୁଆଙ୍ଗ, ନୂଆପଡ଼ାର ଚୁକ୍ଟିଆ ଭୁଞ୍ଜିଆ, ଗଜପତିର ସଉରା ଏବଂ ମୟୂରଭଞ୍ଜର ମାଙ୍କଡ଼ିଆ ଓ ପାହାଡ଼ିଆ ଖରିଆ ପିଭିଟିଜିକୁ **'ବାସସ୍ଥାନ ଅଧିକାର ପ୍ରଦାନ'**
- ଜନଜାତି ଅଞ୍ଚଳରେ ୨୦୦ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ

## ସାମାଜିକ ନିରାପତ୍ତା, ଆମ ପ୍ରତିବଦ୍ଧତା

- **ସାମାଜିକ ସୁରକ୍ଷା ଭତ୍ତା :** ୮୦ ବର୍ଷରୁ ଅଧିକ ଏବଂ ୮୦% ରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସାମାଜିକ ସୁରକ୍ଷା ଭତ୍ତା ୧,୨୦୦ ଟଙ୍କାରୁ ୩,୫୦୦ ଟଙ୍କାକୁ ବୃଦ୍ଧି
- **ବିଭିନ୍ନ ବର୍ଗର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି :** ଅଣକୁଶଳୀଙ୍କ ପାଇଁ ୪୫୨ ଟଙ୍କା, ଅର୍ଦ୍ଧକୁଶଳୀ ୫୦୨ ଟଙ୍କା, କୁଶଳୀ ୫୫୨ ଟଙ୍କା ଏବଂ ଉଚ୍ଚ କୁଶଳୀ ପାଇବେ ୬୦୨ ଟଙ୍କା
- **ନିର୍ମାଣ ଶ୍ରମିକଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି :** ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କା ଏବଂ ସ୍ୱାଭାବିକ ମୃତ୍ୟୁ ହେଲେ ୨ ଲକ୍ଷରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି

## ଶିଳ୍ପାୟନର ନୂତନ ଧାରା

- **ସମସ୍ତ ଜିଲ୍ଲାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା; 'ଉତ୍କର୍ଷ ଓଡ଼ିଶା-୨୦୨୫'** ସମ୍ମେଳନରେ ୨୦ରୁ ଅଧିକ କ୍ଷେତ୍ରରେ ୫୯୩ଟି ପ୍ରକଳ୍ପ ପ୍ରସ୍ତାବ ପ୍ରାପ୍ତ, ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟ, ଯୁବବର୍ଗଙ୍କ ପାଇଁ ୧୨.୮୮ ଲକ୍ଷ ନିଯୁକ୍ତି ସୃଷ୍ଟି ସମ୍ଭାବନା, ୩୦ଟି ଜିଲ୍ଲା ଅନ୍ତର୍ଭୁକ୍ତ
- ପ୍ରତ୍ୟେକ ଜିଲ୍ଲାରେ ପ୍ରତିଷ୍ଠା ହେବ ବହୁମୁଖୀ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗ୍ରାମୀଣ ଉତ୍ପାଦ ସହ ଯୋଡ଼ି ହେବ ବିଶ୍ୱ ବଜାର

## ୨୦୨୫-୨୬ ବଜେଟରେ ପ୍ରମୁଖ ନୂତନ ପଦକ୍ଷେପ

- ୫୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବ ୧୦୦ଟି ଆଦର୍ଶ ମଣ୍ଡି
- ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଏବଂ ଉତ୍ତର ଓଡ଼ିଶା ଉନ୍ନୟନ ପରିଷଦ ପାଇଁ ୨୦୦ କୋଟି ଟଙ୍କା ଲେଖାଏଁ ବ୍ୟୟବରାଦ
- ଜୋନାଲ୍ ଆଇଟିଆଇ ପ୍ରତିଷ୍ଠା ଏବଂ ଆଇଟିଆଇକୁ ସେଣ୍ଟର୍ ଅଫ୍ ଏକ୍ସଲେନ୍ସରେ ପରିଣତ ଲକ୍ଷ୍ୟ
- ନୂଆ ଯୁଗର ଜ୍ଞାନକୌଶଳକୁ ଆପଣାଇବା ପାଇଁ ଓଡ଼ିଶା ଏଆଇ ମିଶନ୍‌ର ଶୁଭାରମ୍ଭ
- ଓଡ଼ିଶାର ସମସ୍ତ ବ୍ଲକ୍‌ରେ ଷ୍ଟାଡିୟମ୍ ନିର୍ମାଣ ପାଇଁ ୪,୧୨୪ କୋଟି ଟଙ୍କାର ବ୍ୟୟବରାଦ, ସମ୍ବଲପୁର ହେବ ଫୁଟ୍‌ବଲ୍ ସ୍ପୋର୍ଟ୍ସ ହବ୍, ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ଚୟନ ଓ ବିକାଶ ନିମନ୍ତେ ସିଏମ୍-ଟ୍ରଫି (ଅଣ୍ଡର-୧୫) ଫୁଟ୍‌ବଲ୍ ଚମ୍ପିୟାନ୍‌ସିପ୍ ଆରମ୍ଭ
- ଓଡ଼ିଶା ପୋଷଣ ମିଶନ୍ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ
- **'ଆମେ ପଢିବା ଆମ ଭାଷାରେ'** ପାଇଁ ୨୫ କୋଟି ଟଙ୍କା ବ୍ୟୟବରାଦ
- **'ଆମ ଶିମିଳିପାଳ ଯୋଜନା'** ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ
- ପ୍ରବାସୀ ଓଡ଼ିଆଙ୍କ ସହ ନିରନ୍ତର ସମ୍ପର୍କ ବଜାୟ ରଖିବା ପାଇଁ ଏକ ନୂତନ ଯୋଜନା **'ପ୍ରବାସୀ ଓଡ଼ିଆ: ଓ-ସମ୍ପର୍କ'** ଆରମ୍ଭ

VISION DOCUMENT
2038 | 2047














15001/13/0490/2425

**ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର**

DADLS-06 REVISED MATTER

News Desk- Mob : 94374-04455, 0674- 2597909, Contact Address : VIC-12/1, Unit-1, Bapuji Nagar, Bhubaneswar. Advt.,Circulation & Sales - 94398- 30788, E- mail ID : amarajdhani@gmail.com,
Printed, Published, Owned & Edited by Sri Rabi Das, Published from VIC-12/1, Unit-1, Bhubaneswar-751009, Orissa and Printed at Mallhar Publications, D-1/1, Mancheswar I.E. Bhubaneswar-10.
Editor : Rabi Das
ସମ୍ପାଦକ – ରବି ଦାସ